## ସଂକ୍ଷେପରେ

### ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ଖସଡା ତାଲିମ ଶିବିର



ଡାବୁଗାଁ, ୨୯।୯ (ଡି.ଏନ.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନାର ବାର୍ଷିକ କାର୍ଯ୍ୟ ଖସଡା ଓ ବାର୍ଷିକ ଶ୍ରମିକ ବଜେଟ ପ୍ରସ୍ତୁତି ତାଲିମ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାତ୍ମା ଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ଗ୍ରାମଗୁଡିକରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ଗୁଡିକର ଚିହ୍ନଟ କରି କିପରି ବାର୍ଷିକ କାର୍ଯ୍ୟ ଖସଡା ପ୍ରସ୍ତୁତି କରିବା ଓ ବାର୍ଷିକ ଶ୍ରମିକ ବଜେଟ ତିଆରି କରିବା ସେନେଇ ତାଲିମ ଦିଆଯାଇଥିଲା। ଏଥିରେ ପ୍ରଶିକ୍ଷକ ଭାବେ ଏବିଡିଓ ପଦ୍ମନାଭ ତ୍ରିପାଠୀ ଓ ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ମାଝୀ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ଅର୍ଥ) ନିକିତା ଗୁପ୍ତା ନିରିକ୍ଷକ ଭାବେ ଯୋଗ ଦେଇଥିଲେ । ଏଥିରେ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ସମସ୍ତ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବିକା ସେବକ ଓ ପଞ୍ଚାୟତ ସ୍ତରୀୟ ପ୍ଲାନିଂ କମିଟି ସଭ୍ୟମାନେ ତାଲିମ ନେଇଥିଲେ । ଏହି ତାଲିମ କାର୍ଯ୍ୟକ୍ରମକୁ ଏମଜିଏନଆରଇଜିଏସ କର୍ମଚାରୀ ପରିଚାଳନା କରିଥିଲେ।

### ପେଣ୍ଡ୍ରାଣୀ ପୀଠରେ ନବରାତ୍ର ପୂଜା ଆରମ୍ଭ



ରାଇଘର, ୨୯।୯(ଡି.ଏନ୍.ଏ.) ଶାରଦୀୟ ନବରାତ୍ର ପୂଜା ରବିବାର ଆରମ୍ଭ ହୋଇଛି। ରାଇଘର ଗ୍ରାମର ମା' ପେଣ୍ଡ୍ରାଣୀଙ୍କ ପୀଠରେ ନବରାତ୍ର ପୂଜା କରାଯାଇଛି। ଏହି ଅବସରରେ ଶତାଧିକ ମହିଳା ଓ ଯୁବତୀ କଳସ ଶୋଭାଯାତ୍ରାରେ ଗାଁ ପରିକ୍ରମା କରିଥିଲେ। ଶ୍ରଦ୍ଧାଳୁମାନେ ୯ ଦିନ ଉପବାସ ରହି ପୂଜା କରିଥାନ୍ତି। ଭକ୍ତମାନେ ସାରା ଦିନ ଉପବାସ ରହି ସନ୍ଧ୍ୟା ଆଳତି ପରେ ଫଳାହାର କରିଥାନ୍ତି। ଏହି ଅଞ୍ଚଳରେ ନବରାତ୍ର ପୂଜା ଧୁମ୍‌ଧାମ୍‌ରେ ପାଳିତ ହୁଏ।

### ଯାତ୍ରୀଙ୍କ ସୁରକ୍ଷା ନେଇ ସଚେତନତା



ରାୟଗଡ଼ା ଅଫିସ ,୨୯।୯: ଯାତ୍ରୀଙ୍କ ସୁରକ୍ଷା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ରାୟଗଡ଼ା ଷ୍ଟେଶନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ରେଳ ସୁରକ୍ଷା ବାହିନୀ ଇଷ୍ଟକୋଷ୍ଟ ରେଲୱେ ୱାଲଟେର ଡ଼ିଭିଜନ ତରଫରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୋଷ୍ଟ କମାଣ୍ଡର ଆରପିଏଫ ଡ଼ି.ଏନ୍ ତ୍ରିଲୋକ ନେତୃତ୍ୱ ନେଇଥିଲେ । ଏଥିରେ ଆରପିଏଫ ଓ ରେଳ ସୁରକ୍ଷା ବାହିନୀର କର୍ମଚାରୀମାନେ ଉପସ୍ଥିତ ରହି ଯାତ୍ରୀମାନଙ୍କୁ ସୁରକ୍ଷା ଯାତ୍ରା ନେଇ ସଚେତନ କରାଇଥିଲେ । ଯାତ୍ରା ସମୟରେ ଟ୍ରେନ ଭିତରେ ବା ପ୍ଲାଟଫର୍ମରେ କୌଣସି ସନ୍ଦିଗ୍ଧ ବ୍ୟକ୍ତି ବା ବସ୍ତୁ ଦେଖାଗଲେ ତୁରନ୍ତ ରେଲୱେ ସୁରକ୍ଷା ବାହିନୀକୁ ଜଣାଇବେ ବୋଲି କୁହାଯାଇଥିଲା । ବ୍ୟାନର ଲଗାଇ ଓ ମାଇକ ଦ୍ୱାରା ଲୋକଙ୍କୁ ସଚେତନତା କରାଯାଇଥିଲା । ଏଠାରେ ଥିବା ଓଭରବ୍ରିଜ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା । ଏଥିରେ ଆରପିଏଫ୍ କର୍ମଚାରୀମାନେ ଉପସ୍ଥିତ ଥିଲେ ।

### ମହିଳାଙ୍କ ଆତ୍ମହତ୍ୟା

ବ୍ରହ୍ମପୁର ଅଫିସ,୨୯।୯: ବୈଦ୍ୟନାଥପୁର ଥାନା ପୋଲିସ ରବିବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପଣ୍ଡା କଲୋନୀରୁ ଜବତ କରିଛି। ମହିଳା ଜଣଙ୍କ ବେକରେ ଶାଢ଼ି ଲଗାଇ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଛନ୍ତି ବୋଲି ପୋଲିସ କହିଛି। ମୃତ ମହିଳା ଜଣକ ଗାୟତ୍ରୀ ବେହେରା (୨୯)।

■ ଚାକିରି ଦେବା ନାମରେ ଲକ୍ଷାଧିକ ଟଙ୍କା ଠକେଇ

# ଦମ୍ପତିଙ୍କ ସମେତ ୩ ଗିରଫ

## କାର, ୨ଟି ଲାପଟପ ସହ କାଗଜପତ୍ର ଜବତ



ଖବରଦାତା ସମ୍ମିଳନୀରେ ଏସପି ନିତୀନ କୁସଲକର ସୂଚନା ଦେଉଛନ୍ତି।

ଉମରକୋଟ,୨୯।୯(ଡି.ଏନ.ଏ)

ସରକାରୀ ଚାକିରି କରାଇ ଦେବା ନାମରେ ଶିକ୍ଷିତ ଯୁବତୀ ଯୁବକଙ୍କ ଠାରୁ ଟଙ୍କା ଆଦାୟ, ଜମିଜମା ଗଣ୍ଡଗୋଳରେ ମଧ୍ୟସ୍ଥତା, ଜାତୀୟ ମାନାବାଧିକାର ସିଟିଜେନ କମିଶନ ନାମରେ ଏକ ସଂସ୍ଥା ଖୋଲି ଲୋକଙ୍କୁ ଠକେଇ କରିଥିବା ଅଭିଯୋଗରେ ଉମରକୋଟ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉମରକୋଟ ସହର ଗୁଲିପାଟଣା ସାହିର ଦମ୍ପତି ଆଶିଷ କୁମାର ପାତ୍ର (ଲିଟୁ)ଓ ତାଙ୍କ ସ୍ତ୍ରୀ ରଞ୍ଜନା ବର୍ମା ଏବଂ ଅନୀଲ କୁମାର ବାନାର୍ଜୀ। ସେମାନଙ୍କ ଠାରୁ ଗୋଟିଏ କାର (ଓଡି୦୫ଏଏଚ-୭୫୪୩), ୨ଟି ଲାପଟପ, ଆଇ କାର୍ଡ, ନିଯୁକ୍ତି ପତ୍ର, ଇ-ସୁବିଧା ବହି ଓ ବିଭିନ୍ନ କାଗଜପତ୍ର ଜବତ କରାଯାଇଛି। ନବରଙ୍ଗପୁର ଏସପି ନୀତିନ କୁସଲକର ଉମରକୋଟ ଥାନାରେ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏସପିଙ୍କ ସୂଚନା ଅନୁଯାୟୀ ଉମରକୋଟ ସହର ଗୁଲିପାଟଣା ସାହିର ଆଶିଷ, ରଞ୍ଜନା ଓ ଅନୀଲ ଜାତୀୟ ମାନବାଧିକାରୀ ସିଟିଜେନ କମିଶନ ନାମରେ ଏକ ସଂସ୍ଥା ନବରଙ୍ଗପୁର ସଦର ମହକୁମାରେ ଖୋଲିଥିଲେ। କମିଟିର ଅଧ୍ୟକ୍ଷ ଅନୀଲ ଓ ଉପାଧ୍ୟକ୍ଷା ରଞ୍ଜନା ରହିଥିଲେ। ସେମାନେ ପ୍ରଥମେ ଗ୍ରାମାଞ୍ଚଳରେ ଇ-ସୁବିଧା ସଚେତନ ନାମରେ ବୈଠକ କରୁଥିଲେ। ପରବର୍ତ୍ତୀ ସମୟରେ ପ୍ରତ୍ୟେକ ଗ୍ରାମରେ ଲୋକଙ୍କ ଠାରୁ ୩୦ ଟଙ୍କା ଆଦାୟ କରି ଏକ କାର୍ଡ ଦେଉଥିଲେ। ଏହି କାର୍ଡ ମାଧ୍ୟମରେ ସରକାରୀ ସୁବିଧା ମିଳିପାରିବ ବୋଲି ଲୋକଙ୍କୁ କହି ବିଶ୍ୱାସ ଜନ୍ମାଉଥିଲେ। ଏହା ପରେ ଉକ୍ତ ଅଞ୍ଚଳର ଶିକ୍ଷିତ ଯୁବତୀ ଯୁବକଙ୍କୁ ସରକାରୀ ଚାକିରି କରାଇ ଦେବାର ଲୋଭ ଦେଖାଇ ଲକ୍ଷାଧିକ ଟଙ୍କା ଆଦାୟ କରୁଥିଲେ। ଝରିଗାଁ ଚର୍ଚ୍ଚା ଅଞ୍ଚଳର ଗୌତମ ପୂଜାରୀଙ୍କ ଠାରୁ ଏକ ଲକ୍ଷ ୪୫ ହଜାର, ରାଇଘର କର୍ଚ୍ଚାପଡାର ଦଶମନ୍ତ କଲାରଙ୍କ ଠାରୁ ୪୦ ହଜାର, ରଇନୁ ଗଣ୍ଡଙ୍କ ଠାରୁ ୪୦ ହଜାର, ସାଂସାରୀ ଗ୍ରାମର ପ୍ରେମସୀଲା ନାୟକଙ୍କ ଠାରୁ ୪୦ ହଜାର, ପବିତ୍ର ମହାକୁଡଙ୍କ ଠାରୁ ୫୦ ହଜାର, ସୁକମନ ଗଣ୍ଡଙ୍କ ଠାରୁ ୪୦ ହଜାର, ଲଳିତ କଲାରଙ୍କ ଠାରୁ ୪୦ ହଜାର, ବିଦ୍ୟା ଦାସଙ୍କ ଠାରୁ ୫୦ ହଜାର , ଉମାକାନ୍ତ କଲାରଙ୍କ ଠାରୁ ୪୦ ହଜାର, ଜୟଖରାଙ୍କ ଠାରୁ ୫୦ ହଜାର ଟଙ୍କା ଆଦାୟ କରିଥିଲେ। କଳାହାଣ୍ଡି, ବଲାଙ୍ଗୀର, ଜୟପୁରର କେତେ ଜଣ ଯୁବତୀ ଯୁବକଙ୍କ ଠାରୁ ଟଙ୍କା ଆଦାୟ ମଧ୍ୟ କରିଥିଲେ। ଏଥିସହ କେତେ ଜଣଙ୍କୁ ସିଲକ ରିସର୍ଚ୍ଚ ପ୍ରାଇଭେଟ ଲିମିଟେଡ ନାମରେ ନିଯୁକ୍ତ ପତ୍ର ମଧ୍ୟ ଦେଉଥିଲେ। ତେବେ ଟଙ୍କା ଦେଇଥିବା ଯୁବତୀଯୁବକମାନେ ସଂସ୍ଥା ସହ ଯୋଗାଯୋଗ କରିବାକୁ ସେମାନେ ଫୋନ ଉଠାଉନଥିଲେ । ଯଦି ବି ଫୋନ ଉଠାଉଥିଲେ ତେବେ ଧମକ ଦେଉଥିଲେ। ଏ ସମ୍ପର୍କରେ ଉପରୋକ୍ତ ଯୁବକମାନେ ଉମରକୋଟ ଥାନାରେ ଅଭିଯୋଗ କରିଥିଲେ। ରଞ୍ଜନା, ଲିଟୁ ଓ ଅନୀଲ ଗୁଲିପାଟଣା ସାହିରୁ ନବରଙ୍ଗପୁର ଯାଉଥିବା ବେଳେ ଉମରକୋଟ ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଖବରଦାତା ସମ୍ମିଳନୀରେ ଉମରକୋଟ ଆଇଆଇସି ରମେଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଥାନାରେ ନଂ.୧୭୫/୧୯ରେ ଏକ ମାମଲା ରୁଜୁ ହୋଇଛି।





■ ଗାନ୍ଧିଜୀଙ୍କ ୧୫୦ ତମ ଜନ୍ମବାର୍ଷିକୀ

# ବ୍ଲକସ୍ତରୀୟ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ରମାନେ ।

ଝରିଗାଁ,୨୯।୯(ସ୍ୱ.ପ୍ର)

୧୫୦ତମ ଗାନ୍ଧୀ ଜୟନ୍ତୀ ଅବସରରେ ଝରିଗାଁ ବିଇଓଙ୍କ କାର୍ଯ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଚିତ୍ରାଙ୍କନ, କୁଇଜ୍ ଏବଂ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ଶହେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜୁନିୟର ଗ୍ରୁପର ବକ୍ତୃତା ପ୍ରତିଯୋଗିତାରେ ଉଦଲିଆଗୁଡା ପ୍ରାଥମିକ ବିଦ୍ୟାଳୟର ତେଜପ୍ରକାଶ ପରିଡା ପ୍ରଥମ , ନୂଆଗାଁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁନିତ୍ରା ଜାନୀ ଦ୍ୱିତୀୟ, କରମରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କୁମାରୀ ସାନ୍ତା ତୃତୀୟ ହୋଇଛନ୍ତି। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ଏକମ୍ବା-ଖ ପ୍ରାଥମିକ ବିଦ୍ୟାଳୟର ଇତିଶ୍ରୀ ରାୟ ପ୍ରଥମ, ନୂଆଗାମ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର କୁବେର ମାଝୀ ଦ୍ୱିତୀୟ , ଚଚା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭୁବନ୍ତି ସାନ୍ତା ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି କୁଇଜ ପ୍ରତିଯୋଗୀତାରେ ଜୁନିୟର ଦଳରେ ଜୟନ୍ତି ଗ୍ରାମ ବିଦ୍ୟାଳୟର ସ୍ୱାଗତ ପଣ୍ଡା ପ୍ରଥମ, ବିଦୁସ୍ମିତା ଦଳାଇ ଦ୍ୱିତୀୟ, କ୍ଷୀରସିନ୍ଧୁ ଦୁର୍ଗା ତୃତୀୟ ହୋଇଛନ୍ତି। ସେହିପରି ସିନିୟର ଦଳରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ଡଙ୍ଗରିଗୁଡା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅମିତ ହରିଜନ, ଦ୍ୱିତୀୟରେ ଝରିଗାଁ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ବଲ୍ଲଭ ସାନ୍ତା, ତୃତୀୟ ସ୍ଥାନରେ ରମାଦେବୀ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟର ସୁମତି ମାଝୀ ରହିଛନ୍ତି। ସେହିପରି କୁଇଜ୍ ପ୍ରତିଯୋଗୀତାରେ ରାମସା ଉନ୍ନତୀ ଉଚ୍ଚ ବିଦ୍ୟାଳୟର ସୁବାଷ ବେହେରା ପ୍ରଥମ, ଚିକିଲି ଉନ୍ନତୀ ଉଚ୍ଚ ବିଦ୍ୟାଳୟର ଗୀତାଞ୍ଜଳି ପଣ୍ଡା ଦ୍ୱିତୀୟ ଏବଂ ବକଡାବେଡା ଉନ୍ନତୀ ଉଚ୍ଚ ବିଦ୍ୟାଳୟର ଅମ୍ବିକା ମହାନ୍ତି ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ବକ୍ତୃତା ପ୍ରତିଯୋଗିତାରେ କୁସୁମି ଉନ୍ନତୀ ଉଚ୍ଚ ବିଦ୍ୟାଳୟର ଇତିଶ୍ରୀ ପ୍ରଧାନୀ ପ୍ରଥମ , ଝରିଗାଁ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ସୁଶ୍ରୀ ସଙ୍ଗିତା ଲେଙ୍କା ଦ୍ୱିତୀୟ ଏବଂ ଡଙ୍ଗରୀଗୁଡା ସ୍କୁଲର ସଲୋନି ହରିଜନ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ୧୫୦ତମ ଗାନ୍ଧୀ ଜୟନ୍ତି ଅବସରରେ ଅନୁଷ୍ଠିତ ପର୍ଯ୍ୟଟନ ପର୍ବ ସକାଶେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗୀତାରେ ଝରିଗାଁ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ସୁଶ୍ରୀ ସଙ୍ଗିତା ଲେଙ୍କା ପ୍ରଥମ, ସନ୍ତୋଷୀନି ପଟ୍ଟନାୟକ ଦ୍ୱିତୀୟ ଏବଂ କୁସୁମି ଉଚ୍ଚ ବିଦ୍ୟାଳୟର ଥବିର ପ୍ରଧାନୀ ତୃତୀୟ ସ୍ଥାନରେ ରହିଛିି । ପୁରସ୍କାର ବିତରଣ ଉତ୍ସବରେ ବିଇଓ ସୁରେଶ ଚନ୍ଦ୍ର ନାଏକ, ଏବିଇଓ ବିଜୟାନନ୍ଦ ସୋରୀ, ଏବିଇଓ ସୋଭେନ୍ ମଣ୍ଡଳ, ଏବିଇଓ ଶିବ ଶଙ୍କର ମଣ୍ଡଳ ପ୍ରମୁଖ ରହି କୃତି ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ସେହିପରି ସିଆରସିସି ଶିବ ନାରାୟଣ, ପିତମ ପନକା, ସନ୍ତୋଷ କୁମାର ତ୍ରିପାଠୀ, କ୍ଷମା ହରିଜନ ପ୍ରମୁଖ ରହି ପରିଚାଳନା କରିଥିଲେ।

# ପୋଡାଗଡପୀଠରେ ପ୍ରାକ୍ ଦଶହରା ପାଳିତ



ପୂଜାର୍ଚ୍ଚନା କରାଯାଉଛି।

ଧୋଡ୍ରା,୨୯।୯(ଡି.ଏନ.ଏ.)

ଉମରକୋଟ ବ୍ଲକ ଐତିହାସିକ ପୋଡାଗଡ ପୀଠରେ ପ୍ରାକ୍ ଦଶହରା ମହାସମାରୋହରେ ପାଳିତ ହୋଇଯାଇଛି । ଦୁର୍ଗାମନ୍ଦିର, ଭଙ୍ଗରାମ ମନ୍ଦିର, ଭୈରବ ମନ୍ଦିର, ଚାଉଁରିଆ ମନ୍ଦିର, ଗାଦିମା ମନ୍ଦିର ଓ ମଙ୍ଗଳା ମନ୍ଦିରରେ ଏହି ନବରାତ୍ରୀ ପାଳିତ ହେଉଛି । ଏହି ଉତ୍ସବରେ ୩୩ଟି ଗ୍ରାମର ପୂଜକ ଓ ଭକ୍ତଙ୍କ ସମେତ ପଡୋଶୀ ଛତିଶଗଡ ରାଜ୍ୟର ଶ୍ରଦ୍ଧାଳୁମାନେ ଯୋଗ ଦେଇଥାନ୍ତି। ଏହାର ସ୍ୱତନ୍ତ୍ରତା ଏହା ଯେ ନଳବଂଶ ରାଜାମାନେ ନିଜ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା ସହିତ ମା' ଦୁର୍ଗା ଓ ତାଙ୍କର ଇଷ୍ଟ ଦେବୀଙ୍କୁ ଆବାହନ କରି ସ୍ୱତନ୍ତ୍ରତା ଭାବେ ଯୁଦ୍ଧର ବ୍ୟବହୃତ ଅସ୍ତ୍ରଶସ୍ତ୍ରକୁ ପୂଜାପାଠ କରିଥାନ୍ତି । ଇଷ୍ଟଦେବୀଙ୍କ ସ୍ୱତନ୍ତ୍ର ଗୁପ୍ତ ପୂଜା ହୋଇଥାଏ । ପାଣି କଖାରୁ ବଳି ଦିଆଯାଇଥାଏ। ଜୟପୁର ବିକ୍ରମଦେବ ରାଜାଙ୍କ ସମୟରେ ପୋଡାଗଡର ଭୈରବବାବାଙ୍କ ଲାଠି ଜୟପୁର ଦଶହରାରେ ଯୋଗ ଦେଇଆସୁଛି। ଭକ୍ତଙ୍କ ଭକ୍ତିରେ ମା' ସନ୍ତୁଷ୍ଟ ହୋଇ ସେମାନଙ୍କୁ ସୁଖଶାନ୍ତିରେ ରହିବାର ବରଦାନ କରନ୍ତି ବୋଲି ଆତ୍ମବିଶ୍ୱାସ ରହିଛି। ୧୯୪୨ ମସିହାରୁ ଏହା ବନ୍ଦ ଥିଲା। ପରେ ୧୯୯୩ ମସିହାରୁ ଏହା ଆରମ୍ଭ କରାଯାଉଛି। ଏହି ଉତ୍ସବରେ ସଭାପତି ଚାରିଟେବୁଲ ଟ୍ରଷ୍ଟ ଉଦ୍ଧବ ନାୟକ, ପୂଜକ କୃଷ୍ଣ ପୂଜାରୀ, ଉପଦେଷ୍ଟା ତଥା ଗବେଷକ କୈଳାସ ଚନ୍ଦ୍ର ବେହେରା ଉପସ୍ଥିତ ରହି ପରିଚାଳନା କରିଥିଲେ।

# କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ବ୍ରହ୍ମପୁର ଅଫିସ,୨୯।୯

ବୈଦ୍ୟନାଥପୁର ପୋଲିସ ରବିବାର ସକାଳେ ବିଦ୍ୟୁତ କଲୋନୀ ନିକଟସ୍ଥ ଏକ ପରିତ୍ୟକ୍ତ କୂଅ ଭିତରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି। ଯୁବକଙ୍କୁ ବେକ କାଟି କେହି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତ ଯୁବକ ଜଣକ ଉକ୍ତ କଲୋନୀରେ ରହୁଥିବା ଅମ୍ବିକା ପ୍ରସାଦ ପାଢ଼ୀ ବୋଲି ପୋଲିସ ସୂଚନା ଦେଇଛି। ପୋଲିସ ମୃତଦେହ ଜବତ କରି ନଂ.୫୧୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘଟଣାରୁ ପ୍ରକାଶ, ଅମ୍ବିକା ଗତ ୨୭ ତାରିଖରୁ ନିଖୋଜ ଥିଲେ। ରବିବାର ଉକ୍ତ କଲୋନୀର ଏକ କୂଅରେ ମୃତଦେହ ଭାସୁଥିବା ପୋଲିସ ଖବର ପାଇଥିଲା। ପରେ ପୋଲିସ କୂଅ ଭିତରୁ ମୃତଦେହ ବାହାର କରିବା ପାଇଁ ଅଗ୍ନିଶମ ବିଭାଗ ସହାୟତା ନେଇଥିଲା। ସହକାରୀ ଅଗ୍ନିଶମ ଅଧିକାରୀ (ଏଏଫଓ) ସନାତନ ମହାପାତ୍ର ଓ ତାଙ୍କ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କୂଅ ଭିତରୁ ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରେ ମୃତଦେହ ପୋଲିସକୁ ହସ୍ତାନ୍ତର କରିଥିବା ଏଏଫଓ ମହାପାତ୍ର କହିଛନ୍ତି।

■ ହଷ୍ଟେଲ ମଧ୍ୟାହ୍ନଭୋଜନରେ କମ ରୋଷେଇ

# ୨ ଘଣ୍ଟା ବିଳମ୍ବରେ ଖାଇଲେ ୬୬ ପିଲା



ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଉଛି ।

■ ବିଧାୟକଙ୍କ ଉପସ୍ଥିତିରେ ପୁଣିଥରେ ହେଲା ରୋଷେଇ
■ ଅବ୍ୟବସ୍ଥା ନ କରିବାକୁ ଶିକ୍ଷକମାନଙ୍କୁ ବିଧାୟକଙ୍କ ତାଗିଦ
■ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ପାପଡାହାଣ୍ଡି, ୨୯।୯(ଡି.ଏନ୍.ଏ.)

ପାପଡାହାଣ୍ଡି ବ୍ଲକ ଧନଶୁଳି ଆଶ୍ରମ ବିଦ୍ୟାଳୟରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ତୁଳନାରେ କମ୍ ରୋଷେଇ ହୋଇ ଥିବାରୁ ୬୬ଜଣ ପିଲା ପ୍ରାୟ ୨ଘଣ୍ଟା ଉପାସରେ ରହିଥିଲେ। ପରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ଉପସ୍ଥିତିରେ ପୁଣି ଥରେ ରୋଷେଇ ହୋଇଥିଲା। ପରେ ପିଲାମାନଙ୍କୁ ଖାଇବାକୁ ଦିଆଯାଇଥିଲା। ରବିବାର ହଷ୍ଟେଲରେ ୨୬୦ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପୂର୍ବ ଯୋଜନା ଅନୁଯାୟୀ ବିଧାୟକ ରବିବାର ସ୍କୁଲ ଗସ୍ତରେ ଯାଇଥିଲେ। ସେଠାରେ ପିଲାମାନଙ୍କ ସହ ବିଭିନ୍ନ ଆଲୋଚନା କରିଥିଲେ। ପରେ ମଧ୍ୟାହ୍ନଭୋଜନ ପାଇଁ ସମସ୍ତେ ଯାଇଥିଲେ। କିନ୍ତୁ ୬୬ଜଣ ପିଲାଙ୍କ ପାଇଁ ଚିକେନ୍ ତରକାରି ଏବଂ ଡାଲି ନିଅଣ୍ଟ ପଡିଥିଲା। ଏହା ଦେଖି ବିଧାୟକ କ୍ଷୁବ୍ଧ ହେବା ସହ ଉପସ୍ଥିତ ଶିକ୍ଷକଙ୍କୁ ବିଗିଡି ଥିଲେ। କ'ଣ ପାଇଁ ରୋଷେଇ କମ୍ ହେଲା ଏ ନେଇ ଶିକ୍ଷକଙ୍କୁ ପ୍ରଶ୍ନ କରିବା ସହ ଘଟଣା ସମ୍ପର୍କରେ ଡିଡବ୍ଲୁଓ ପବିତ୍ର ମୋହନ ପ୍ରଧାନଙ୍କୁ ଜଣାଇଥିଲେ। ଡିଡବ୍ଲ୍ୟୁଓ ସ୍କୁଲରେ ପହଞ୍ଚି କମ୍ ରୋଷେଇ ହୋଇଥିବା ଦେଖିଥିଲେ। ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାମନ୍ତରାୟ ସ୍ୱାସ୍ଥ୍ୟଗତ କାରଣରୁ ବିଦ୍ୟାଳୟରେ ରବିବାର ଅନୁପସ୍ଥିତ ଥିଲେ। ଦାୟିତ୍ୱରେ ଥିବା ଶିକ୍ଷକମାନେ ରୋଷେଇ କମ୍ କରି ଦେବା କଥା ସ୍ୱୀକାର କରିଥିଲେ। ବିଧାୟକଙ୍କ ଉପସ୍ଥିତିରେ ପୁଣିଥରେ ଚିକେନ୍ ଓ ଡାଲି ରୋଷେଇ ହୋଇଥିଲା। ରୋଷେଇ ପରେ ବଳକା ୬୬ ପିଲା ପ୍ରାୟ ୩.୩୦ପରେ ଖାଇଥିଲେ। ଘଟଣାକୁ ବିଦ୍ୟାଳୟ କମିଟି ଗୁରୁତର ସହ ନେଇଛି। ଉପସ୍ଥିତ ଶିକ୍ଷକଙ୍କ ଦାୟିତ୍ୱହୀନତା ଯୋଗୁ ଏପରି ହୋଇଥିବା ସ୍କୁଲ ପରିଚାଳନା କମିଟି କହିଛି। ତଦନ୍ତ ପରେ ଶିକ୍ଷକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପବିତ୍ର ମୋହନ ପ୍ରଧାନ କହିଛନ୍ତି।

# ନବରାତ୍ର ପୂଜାଆରମ୍ଭ

■ ଜଗାକାଳିଆ ସୁସ୍ଥ ପାଇଁ ଅଖଣ୍ଡ ଦୀପ ପ୍ରଜ୍ୱଳନ



ଠାକୁରାଣୀଙ୍କ ପୂଜାର୍ଚ୍ଚନା କରାଯାଉଛି।

କୋଷାଗୁମୁଡ଼ା,୨୯।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକର ବାମୁଣୀ ପଞ୍ଚାୟତର କେର୍ଲା ଗ୍ରାମର ଠାକୁରାଣୀମନ୍ଦିର ଏବଂ ସ୍ଥାନୀୟ କୋଷାଗୁମୁଡ଼ା ସହରର ହିଙ୍ଗଳାଜାନୀ ମନ୍ଦିରଠାରେ ରବିବାର ନବରାତ୍ରି ଆରମ୍ଭ କରାଯାଇଛି । ଭକ୍ତମାନେ ଉପାସ ରହି ଦୀପ ପ୍ରଜ୍ୱଳନ କରିଛନ୍ତି। ସେହିଭଳି ଚିକିତ୍ସିତ ହେଉଥିବା ଜଗାକାଳିଆଙ୍କ ପାଇଁ ମହେନ୍ଦ୍ର ଏବଂ ପ୍ରେମା ୯ ଦିନ ଧରି ଅଖଣ୍ଡ ଦୀପ ପ୍ରଜ୍ୱଳନ କରି ସେମାନେ ସୁସ୍ଥ ହେବା ପାଇଁ ମାନସିକ ରଖିଛନ୍ତି । ସମସ୍ତ ଭକ୍ତମାନେ ମଧ୍ୟ ଜଗାବଳିଆଙ୍କ ପାଇଁ ମା' ଦୁର୍ଗାଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି । ନବରାତ୍ରି ଆରମ୍ଭ ହୋଇଥିବାରୁ ଗାଁ ଗହଳି ଚଳଚଞ୍ଚଳ ହୋଇପଡିଛି ।





> କୃତଜ୍ଞତା ରୂପକ ଋଣକୁ ଶୁଝିବା, ଶକ୍ତିର ବାହାରେ ବୋଲି ଉଦାରମନା ଲୋକ ହିଁ ଧରି ନେଇଥାଏ।
> -ଫ୍ରାଙ୍କଲିନ୍



## ସଂକ୍ଷେପରେ

### ବନ୍ଧୁଗାଁ ଗସ୍ତରେ ଲକ୍ଷ୍ମୀପୁର ବିଧାୟକ



ବନ୍ଧୁଗାଁ,୨୯।୯(ଡି.ଏନ୍.ଏ.): ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି ବନ୍ଧୁଗାଁ ବ୍ଲକ ଆଲମଣ୍ଡା ପଞ୍ଚାୟତର କାବିଟି ଓ ବାଙ୍କିଡି ଗ୍ରାମ ପରିଦର୍ଶନ କରି ଗ୍ରାମବାସୀଙ୍କ ସମସ୍ୟା ପଚାରି ବୁଝିଛନ୍ତି। ଆଲମଣ୍ଡା ସରପଞ୍ଚ କାନା ରତ୍ନାଲୁ ତାଙ୍କୁ ସ୍ୱାଗତ କରିଥିଲେ। କାବିଟି ଗାଁରେ ଚେକ୍ ଡ୍ୟାମ୍ ତିଆରି କରିବା ପାଇଁ ଗ୍ରାମବାସୀ ବିଧାୟକଙ୍କୁ ଦାବି କରିଥିଲେ। ସେଠାରେ ଚେକ୍ ଡ୍ୟାମ୍ ନିର୍ମାଣ କରାଯିବ ବୋଲି ବିଧାୟକ ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ବାଙ୍କିଟି ଗ୍ରାମରେ ଶତାଧିକ ମହିଳା ପୁରୁଷ ପାରମ୍ପରିକ ବାଦ୍ୟ ବଜାଇ ତାଙ୍କୁ ସ୍ୱାଗତ କରିଥିଲେ। ସେଠାରେ ଏକ ସଭା କରାଯାଇଥିଲା। ଏଥିରେ ଚାଷୀ ମୂଲିଆ ଆଦିବାସୀ ସଂଘ କୋରାପୁଟ ଜିଲା ସଭାନେତ୍ରୀ କଣ୍ଡାଗୋରୀ ପାଇଡାମା, ବିଡିକା ସୁରାମା ଓ ସୀତାନା ଚିନ୍ତାଗୁଡ଼ା ଡ୍ୟାମ, ଚେକାବାଲସା ଡ୍ୟାମ ଓ ପୁତୁକିବାଲାସା ଡ୍ୟାମ ନିର୍ମାଣ କରିବାକୁ ବିଧାୟକଙ୍କୁ ଦାବି ଜଣାଇଥିଲେ। ସ୍ଥାନୀୟ ଅଞ୍ଚଳର ସମସ୍ୟା ଓ ଦାବିକୁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ବୋଲି ବିଧାୟକ କହିଥିଲେ। ଏହି ସଭାରେ ବନ୍ଧୁଗାଁ ବ୍ଲକ ବିଜେଡି ସଭାପତି ଗଣପତି ରାଓ, ବାଲା ନାଗ, ଗୋପୀ ଭାଇ, ଦ୍ରୋଣ ଖୋସ୍ଲା, ଲକ୍ଷ୍ମୀପୁର ବ୍ଲକ ବିଜେଡି ସଭାପତି, ଜିଲା ପରିଷଦ ସଭ୍ୟ ଉପସ୍ଥିତ ଥିଲେ।

### ସ୍ୱଚ୍ଛତା ଶୋଭାଯାତ୍ରା

ସୁନାବେଡ଼ା,୨୯।୯(ଡି.ଏନ୍.ଏ.): ପ୍ରଧାନଶିକ୍ଷକ ଅଶୋକ କୁମାର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ହାଲ୍‌ସ୍ଥିତ ଡିଏଭି ହାଇସ୍କୁଲର ଛାତ୍ରୀଛାତ୍ର ସ୍କାଉଟ୍ ଗାଇଡ୍, ଜେଆର୍‌ସି ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଏକ ପ୍ଲାଷ୍ଟିକ ବର୍ଜନ ଓ ସ୍ୱଚ୍ଛତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ହାଲ୍ ପରିସରରେ ଥିବା ରବିବାର ହାଟ 'ଜଗନ୍ନାଥ ମାର୍କେଟ୍'ରେ ବିରାଟ ଶୋଭାଯାତ୍ରା ପରିକ୍ରମା କରିବା ସହ 'ପ୍ଲାଷ୍ଟିକ ବର୍ଜନ କରିବା ଦେଶ ଗଠରେ ସାମିଲ ହେବା', 'ଆସନ୍ତୁ ଆମେ ଏକ ହେବା ଭାରତକୁ ସ୍ୱଚ୍ଛ କରିବା', 'ଅଳିଆ ଆବର୍ଜନା ରଖିବା ନାହିଁ ରୋଗ ହେଉଥାଏ ତାହାରି ପାଇଁ' ଭଳି ସ୍ଲୋଗାନ ଦିଆଯାଇ ଲୋକଙ୍କୁ ସଚେତନ କରାଯାଇଥିଲା।

### ଚିତ୍ରାଙ୍କନ ପ୍ରତିଯୋଗିତା

କୋରାପୁଟ,୨୯।୯(ସ୍ୱ.ପ୍ର.): ଜାତୀୟ ପ୍ରତିଯୋଗିତା ପାଇଁ ରବିବାର କୋରାପୁଟସ୍ଥିତ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ମୁଖ୍ୟ ଅତିଥି ଭାବେ ଏହାର ଶୁଭାରମ୍ଭ କରିଥିଲେ। ପ୍ରତିଯୋଗିତାରେ ସହରର ବିଭିନ୍ନ ବିଦ୍ୟାଳୟରୁ ୧୯୬ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହା ୪ଟି ବିଭାଗରେ ହୋଇଥିଲା। ଏଥିରୁ ଶ୍ରେଷ୍ଠ ଚିତ୍ରକୁ ଦିଲ୍ଲୀ ପଠାଯିବ। ସେଠାରେ ମନୋନୀତ ହେଲେ ଆଗକୁ ହେବାକୁ ଥିବା ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଏଠାକାର କୃତୀ ଛାତ୍ରୀଛାତ୍ର ସେଠାରେ ଭାଗନେବେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜିଲାସ୍ତରୀୟ ଆଧ୍ୟାତ୍ମିକ ମାର୍ଗଦର୍ଶନ କାର୍ଯ୍ୟକ୍ରମ

ଦଶମନ୍ତପୁର,୨୯।୯(ଡି.ଏନ୍.ଏ.): ସ୍ଥାନୀୟ ଦଶମନ୍ତପୁର ବ୍ଲକ ସ୍ଥିତ ସାଇରାମ କଲ୍ୟାଣ ମଣ୍ଡପରେ ରବିବାର ଭଗବାନ ବାବାଙ୍କ ଜିଲାସ୍ତରୀୟ ଆଧ୍ୟାତ୍ମିକ ମାର୍ଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆଧ୍ୟାତ୍ମିକ ବକ୍ତା ଭାବେ ସତ୍ୟସାଇ ପରିବାର ରାଜ୍ୟ ଉପସଭାପତି ଡ. ରସରାଜ ଠାକୁର, ଜିଲା ସଭାପତି ଏସ୍.ଏନ୍. ରାଓ, ପ୍ରୋଗ୍ରାମ ଇନ୍‌ଚାର୍ଜ କମଳା କୁମାରୀ ଦାସ, ରାଜ୍ୟ ସେବା ସଂଯୋଜକ ରାଜା ବାବୁ ସାଇବାବାଙ୍କ ଦିଗଦର୍ଶନ ପାଇଁ ଭକ୍ତିର ମାର୍ଗ ଦେଖାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଶମନ୍ତପୁର ଭଜନ ମଣ୍ଡଳୀ ଆବାହକ ଅଜୟ ଖାଡ଼ଙ୍ଗା, ରମେଶ ନାୟକ, ନବୀନ ନାୟକ, ମୋହନ ବିଶୋଇ, ଅକ୍ଷୟ ସେମର୍ଲିଆ, ପର୍ଶୁରାମ ସାହୁ ଉପସ୍ଥିତ ଥିଲେ।

# କୋଟିଆ ବିକାଶ ଯାଞ୍ଚକଲେ ଜିଲାପାଳ

ପଟ୍ଟାଙ୍ଗି,୨୯।୯(ଡି.ଏନ୍.ଏ.)

କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର ଗତ ଅଗଷ୍ଟ ପ୍ରଥମ ସପ୍ତାହରେ ଯୋଗଦେବାର ଦେଢ଼ମାସ ପରେ ରବିବାର ପ୍ରଥମଥର ପାଇଁ ପଟ୍ଟାଙ୍ଗି ବ୍ଲକର ବିବାଦୀୟ କୋଟିଆ ପଞ୍ଚାୟତ ଗସ୍ତ କରିଛନ୍ତି। ଉପଜିଲାପାଳ ତଥା ଉପରୋକ୍ତ ପଞ୍ଚାୟତର ନୋଡାଲ ଅଧିକାରୀ ଥିବା ଲଳିତ ମୋହନ କଅଁରଙ୍କ ସହ ସେ କୋଟିଆରେ ପହଞ୍ଚି ରାଜ୍ୟ ସରକାରଙ୍କ ୧୫୦ କୋଟି ଅନୁଦାନରେ ଚାଲିଥିବା ବିଭିନ୍ନ ଉନ୍ନୟନ କାମ ତଦାରଖ କରିଛନ୍ତି।

କୋଟିଆ ପଞ୍ଚାୟତରେ ନିର୍ମାଣାଧୀନ ୧୦ ଶଯ୍ୟାବିଶିଷ୍ଟ ମେଡିକାଲ, ଡାକ୍ତର ଓ ଅନ୍ୟ ଷ୍ଟାଫ୍ କ୍ୱାର୍ଟର, ବିଭିନ୍ନ ବିଭାଗୀୟ କର୍ମଚାରୀଙ୍କ ପାଇଁ ହେଉଥିବା କ୍ୱାର୍ଟର, ଲାଇନ୍ ବିଭାଗ କାର୍ଯ୍ୟାଳୟ, ୧୦୦ ଶଯ୍ୟାବିଶିଷ୍ଟ ହଷ୍ଟେଲର ନିର୍ମାଣ କାର୍ଯ୍ୟ ତଦାରଖ କରିଛନ୍ତି ଜିଲାପାଳ। ଜାନୁୟାରୀ ୨୬ରେ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟ ସରକାରୀ କର୍ମଚାରୀଙ୍କ କ୍ୱାର୍ଟର୍ସ ଉଦ୍‌ଘାଟନ ହେବା ପାଇଁତୁରନ୍ତ ଏସବୁ ସାରିବାକୁ ସେ ଆରଡି ସହକାରୀ ଯନ୍ତ୍ରୀ ଗଣେଶ ବିହାରୀ ମାର୍ଣ୍ଡି, କନିଷ୍ଠ ଯନ୍ତ୍ରୀ ରିଙ୍କୁ ନାହାକ ଓ ଆଇଟିଡିଏ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମାଡକାର ଗ୍ରାମ ଗସ୍ତକରି ସେଠାରେ ଭାଙ୍ଗିଯାଇଥିବା ଅସ୍ଥାୟୀ ପୋଲ ଓ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ଗଞ୍ଜେଇପଦରରେ ୨୫ଟି କ୍ଲଷ୍ଟର ଗୃହକାର୍ଯ୍ୟ ଓ ନିର୍ମାଣାଧୀନ ହାଇସ୍କୁଲ ଗୃହକାର୍ଯ୍ୟ ଯାଞ୍ଚ କରିଥିଲେ। ସେଠାକାର କାର୍ଯ୍ୟରେ ଶ୍ରମିକମାନେ ୨୮୬ ଟଙ୍କା ମଜୁରି ବଦଳରେ ୨୨୦ ଟଙ୍କା ପାଉଥିବା ଜାଣିବା ପରେ ଉଚିତ୍



ଜିଲାପାଳ ମଧୁସୂଦନ ମିଶ୍ର ଅନ୍ୟ ଅଧିକାରୀଙ୍କ ସହ ନିର୍ମାଣ କାର୍ଯ୍ୟ ତଦାରଖ କରୁଛନ୍ତି।

ମଜୁରି ଦେବା ପାଇଁ ଠିକାଦାରଙ୍କୁ ତାଗିଦ୍ କରିଥିଲେ ଜିଲାପାଳ। ଏହାସହ ସେ ଥୁରିଆ ଗ୍ରାମ ନିକଟସ୍ଥ ସାଇନ୍ସ କଲେଜ ପରିଦର୍ଶନ କରିଥିଲେ। ପଞ୍ଚାୟତ ସଦର ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ଶିଶା ଅତିରିକ୍ତ ଶ୍ରେଣୀଗୃହ

- ନିର୍ମାଣ ଶ୍ରମିକଙ୍କୁ ଉଚିତ୍ ମଜୁରି ଦେବା ପାଇଁ ଠିକାଦାରଙ୍କୁ ତାଗିଦ୍
- ଜାନୁୟାରୀ ଶେଷରେ ଉଦ୍‌ଘାଟିତ ହେବ କୋଟିଆ ସ୍ୱାସ୍ଥ୍ୟକେନ୍ଦ୍ର

ସମେତ ବିଭିନ୍ନ ସମସ୍ୟା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗସ୍ତ ସମୟରେ ଆଇଟିଡିଏ ପିଏ କାରୁ ସୋରେନ, ଡିଇଓ ପ୍ରମୋଦ ପଣ୍ଡା, ବିଡିଓ କରୁଣାକର ପ୍ରଧାନ, କନିଷ୍ଠ ଯନ୍ତ୍ରୀ ବିଜୟା ନନ୍ଦ, ଏପିଓ ସୌମେନ୍ଦ୍ର ନାୟକ, ପିଇଓ ଦୁଃଶାସନ ନାୟକ, ଜିଆରଏସ୍ ଭୈମିୟ ରଞ୍ଜନ ନାୟକ, ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ବାସୁଦେବ ଦାଶ, ଆରଆଇ କୈଳାସ ଗାଦବା ଉପସ୍ଥିତ ଥିଲେ।

## ଆର୍‌ଟିଓ ଦଲାଲଙ୍କଠୁ ଟଙ୍କା, କାଗଜପତ୍ର ଜବତ

ଜୟପୁର,୨୯।୯(ଡି.ଏନ୍.ଏ.)

ଜୟପୁର ଟାଉନ ଥାନା ପୋଲିସ ଶନିବାର ଚଢ଼ାଉ କରି ଦୁଇ ଆରଟିଓ ଦଲାଲଙ୍କ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ଟଙ୍କା ଏବଂ ବିଭିନ୍ନ ଗାଡ଼ିର କାଗଜପତ୍ର ଏବଂ ଡ୍ରାଇଭିଂ ଲାଇସେନ୍ସ ଜବତ କରିଛି । ଦୁଇ ଦଲାଲ ଏମ୍. ସୁନ୍ଦରରାଓ ଏବଂ ଟି. ଚନ୍ଦ୍ରମଉଳିଙ୍କୁ ଗିରଫ କରାଯାଇଛି । ସେମାନଙ୍କ ବେଲ ରୋଡ କାର୍ଯ୍ୟାଳୟରୁ ୬୬ଟି ଗାଡିର ରେଜିଷ୍ଟ୍ରେସନ ସାର୍ଟିଫିକେଟ, ୩୨ଟି ଡ୍ରାଇଭିଂ ଲାଇସେନ୍ସ ଏବଂ ୯ଟି ଗାଡିର ରେଜିଷ୍ଟ୍ରେସନ ପାଇଁ କାଗଜପତ୍ର ଜବତ କରିବା ସହ ୧ ଲକ୍ଷ ୨୧ ହଜାର ୮ଶହ ଟଙ୍କା ନଗଦ ଜବତ କରାଯାଇଛି। ଉଭୟଙ୍କୁ ୪୧ ସିଆରପିସିରେ ନୋଟିସ କରାଯାଇ ଥାନାରୁ ଛଡ଼ାଯାଇଥିବା ତଦନ୍ତକାରୀ ଅଧିକାରୀ ଜିତେନ୍ଦ୍ର ନାୟକ ପ୍ରକାଶ କରିଛନ୍ତି ।

# ଚଢ଼ା ଅଟୋଭଡ଼ା ପାଇଁ ରାସ୍ତାରୋକୋ

ଦଶମନ୍ତପୁର,୨୯।୯(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପି. ଫୁଲବେଡ଼ା ପଞ୍ଚାୟତରେ ଉଚିତ୍ ଦରଠାରୁ ବହୁ ଅଧିକ ଗାଡ଼ି ଭଡ଼ା ନିଆଯାଉଛି। ଏହାର ପ୍ରତିବାଦରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ପୂର୍ବରୁ ଅଟୋରେ ପି. ଫୁଲବେଡ଼ାରୁ କୋରାପୁଟ ଯିବା ପାଇଁ ଯାତ୍ରୀଙ୍କଠାରୁ ୧୬ କିମି ବାଟକୁ ମାତ୍ର ୨୦ ଟଙ୍କା ନିଆଯାଉଥିଲା। ବର୍ତ୍ତମାନ ସେତିକି ଦୂରତାକୁ ଅଟୋ ଚାଳକ ୩୦ ଟଙ୍କା ଭଡ଼ା ନେଇଛନ୍ତି। ମନାକଲେ ମଧ୍ୟ ଯାତ୍ରୀଙ୍କଠାରୁ ଜୋର୍‌କରି ଆଦାୟ କରାଯାଉଥିଲା। ଏଥିରେ ଅତିଷ୍ଠ ହୋଇପଡ଼ିଥିବା ଯାତ୍ରୀ ଓ ଗ୍ରାମବାସୀ ବାଧହୋଇ ରବିବାର ଫୁଲବେଡ଼ା ମୁଖ୍ୟଛକରେ ରାସ୍ତା ଅବରୋଧ କରିଛନ୍ତି। ଏହି ଖବର ପାଇବା ପରେ ସରପଞ୍ଚ ହୀରାମଣି ଗାଦବା, ନାଏବ ସରପଞ୍ଚ ମକର ଗୋଲରି, ଈଶ୍ୱର ଗାଦବା, ଡମ୍ବରୁ ଗାଦବା, ଅଲୁ ଗାଦବା, ଖଗପତି ରାଉତ, ପ୍ରଭୁଦାନ କୁଲଦୀପ ଓ କୁମ କୁମ୍ଭାର ଘଟଣାସ୍ଥଳରେ ପହଞ୍ଚିଥିଲେ। ସଦର ଥାନା ଅଧିକାରୀ ମଧ୍ୟ ଆସି ଆଲୋଚନା କରିଥିଲେ। ଅଟୋ ଚାଳକ ଓ ମାଲିକ ୨୦ ଟଙ୍କା ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା।



ଫୁଲବେଡ଼ା ମୁଖ୍ୟ ଛକରେ ରାସ୍ତା ଅବରୋଧ କରିଛନ୍ତି ସ୍ଥାନୀୟ ବାସିନ୍ଦା।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

କୁନ୍ଦୁରା,୨୯।୯(ଡି.ଏନ୍.ଏ.): କୁନ୍ଦୁରା ବ୍ଲକ ମସିଗାଁ ପଞ୍ଚାୟତ ପୂଜାରୀପୁଟ ଗ୍ରାମର ଜଗନ୍ନାଥ ନୀଳାଗୁଡିଆ (୪୦) ରବିବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପରେ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ଜଗନ୍ନାଥ ଝଲାଗୁଡ଼ା ଗାଁକୁ ରବିବାର କୌଣସି କାମରେ ଯାଇଥିଲେ। ସେଠାରୁ ଫେରୁଥିବାବେଳେ ହଠାତ୍ ଗୋଟିଏ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ତାଙ୍କ ମୁଣ୍ଡ, ଆଖି ଓ ପେଟରେ ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଜଗନ୍ନାଥଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି ହୋଇଛି। ବନ ବିଭାଗ ପାଖରେ ଏ ନେଇ କୌଣସି ଖବର ନ ଥିବା ସୂଚନା ମିଳିଛି।

## ଅନ୍ତର୍ଜାତୀୟ ବଧିର ଦିବସ ପାଳିତ




କାର୍ଯ୍ୟକ୍ରମରେ କୋରାପୁଟ ଓ ପଟ୍ଟାଙ୍ଗୀ ବିଧାୟକଙ୍କ ସହ ଅନ୍ୟ ଅତିଥିମାନେ।

ସେମିଳିଗୁଡ଼ା,୨୯।୯(ସ୍ୱ.ପ୍ର.):

କୋରାପୁଟ ଜିଲା ବଧିର ସଂଘ ପକ୍ଷରୁ ୬୨ତମ ଅନ୍ତର୍ଜାତୀୟ ବଧିର ଦିବସ ତଥା ସଂଘର ୧୪ତମ ବାର୍ଷିକ ଉତ୍ସବ ସୁନାବେଡ଼ା ପୌରପରିଷଦ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ଶେଖ୍ ଇବ୍ରାହିମ୍‌ଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ପଡାଲ, ସମ୍ମାନିତ ଅତିଥି ଭାବେ ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, ସୁନାବେଡ଼ା ପୌରାଧ୍ୟକ୍ଷା ଶୁଭଶ୍ରୀ ମଲ୍ଲିକ ଯୋଗ ଦେଇଥିଲେ। କୋରାପୁଟ ଜିଲା ସାମାଜିକ ସୁରକ୍ଷା ତଥା ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ସୀମାଞ୍ଚଳ ମହାପାତ୍ର ମୁଖ୍ୟବକ୍ତା ଭାବେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ବ୍ୟକ୍ତିବିଶେଷଙ୍କ ପାଇଁ ଥିବା ସରକାରୀ ଯୋଜନା ସମ୍ବନ୍ଧରେ ସୂଚନା ଦେଇଥିଲେ। ଦିବ୍ୟାଙ୍ଗଙ୍କ ଆତ୍ମସମ୍ମାନ ଓ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଦିଗରେ ଅତିଥିମାନେ ପରାମର୍ଶ ଦେଇଥିଲେ। ବଧିର ସଂଘ ସମ୍ପାଦକ ଚିନ୍ତାମଣି ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ବଧିର ସଂଘ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଜିଲା ବିଦ୍ୟାଳୟ ସମୂହ ଖୋ-ଖୋ ଚୟନ

ଜୟପୁର,୨୯।୯(ନି.ପ୍ର./ଡି.ଏନ୍.ଏ.)

ଜୟପୁର ଜଗଦୀଶ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ୧୭ ଓ ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ବିଭାଗର ଖୋ-ଖୋ ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଜିଲା ଶିକ୍ଷାଧିକାରୀ ପ୍ରମୋଦ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଶାରୀରିକ ଶିକ୍ଷା ପରିଦର୍ଶକ ବିପ୍ରଚରଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜନ କରାଯାଇଛି। ପ୍ରଧାନଶିକ୍ଷକ ତ୍ରିନାଥ ପଟ୍ଟନାୟକଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ ସୁରେନ୍ଦ୍ର ପଟ୍ଟନାୟକ କ୍ରୀଡ଼ା ପତାକା ଉତ୍ତୋଳନ କରି ୪୯ତମ ଖୋ-ଖୋ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ସାଧାରଣ ଶିକ୍ଷା ସହ ଖେଳକୁଦ ଦ୍ୱାରା ଶରୀର ଗଠନ ଶୃଙ୍ଖଳା, ଏକାଗ୍ରତା, ନିରୋଗ ରହିବା ସହ ଛାତ୍ରୀଛାତ୍ର ଦୃଢ଼ ମନୋବଳ ଶିଖିପାରିବେ ବୋଲି ଅତିଥିମାନେ କହିଥିଲେ। ଏଥିରେ ୧୪ଟି ବ୍ଲକର ୭୦ ଜଣ ବାଳକ, ୭୧ ଜଣ ବାଳିକା ଓ ୧୫ ଜଣ ଜିଲା କ୍ରୀଡ଼ା ପରିଚାଳକ ଉପସ୍ଥିତ ଥିଲେ। ଏଠାରୁ ମନୋନୀତ ଛାତ୍ରୀଛାତ୍ର ଅକ୍ଟୋବର ୨୯ରେ କୋଟପାଡ଼ ଉଚ୍ଚ ବିଦ୍ୟାଳୟରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଖୋ-ଖୋ ପ୍ରତିଯୋଗିତାରେ ଭାଗନେବେ। କ୍ରୀଡ଼ା ଚୟନ ପ୍ରକ୍ରିୟାକୁ ନବଘନ ରାଉତ, ନବ କିଶୋର ପଣ୍ଡା, ବସନ୍ତ ମୁଦୁଲି, ଦିବାକର ସାହୁ, ଶିଶିର ବାରିକ, ନିରୋଦ ପ୍ରଧାନ, ମିନତୀ ପାତ୍ର, ପ୍ରଦୀପ ଗୌଡ଼, ଅନିଲ ପତି, ବାସୁଦେବ ରଥ, ଅନୁପ ରାଉତ, ତରଙ୍ଗଲତା ପତଙ୍ଗ, ପ୍ରସନ୍ନ ପାଣିଗ୍ରାହୀ ପରିଚାଳନା କରିଥିଲେ। ବିନୋଦ ତ୍ରିପାଠୀ ମଞ୍ଚ ପରିଚାଳନା ଓ ଶାରୀରିକ ଶିକ୍ଷା ପ୍ରଶିକ୍ଷକ ବାସୁଦେବ ସେନାପତି ଧନ୍ୟବାଦ ଦେଇଥିଲେ।




ଖୋ-ଖୋ ଚୟନ ପ୍ରତିଯୋଗିତାରେ ଭାଗନେଇଥିବା ବିଭିନ୍ନ ବ୍ଲକର ଖେଳାଳିମାନେ।

## ■ ପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘ ସମାବେଶ

# ବିଧାନସଭା ଘେରିବେ ୧୦ ହଜାର କର୍ମଚାରୀ

କୋରାପୁଟ,୨୯।୯(ସ୍ୱ.ପ୍ର.)

କୋରାପୁଟସ୍ଥିତ ଯାତ୍ରୀ କୁଟିରରେ ରବିବାର ଓଡ଼ିଶା ଗ୍ରାମପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ଦକ୍ଷିଣାଞ୍ଚଳସ୍ତରୀୟ ଆଞ୍ଚଳିକ ସମାବେଶ ଅନୁଷ୍ଠିତ ହୋଇଛି। ସଂଘର ରାଜ୍ୟ ସଭାପତି ଲଳିତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୋରାପୁଟ, ମାଲକାନଗିରି, କୋରାପୁଟ, ରାୟଗଡ଼ା ଅଞ୍ଚଳର ଶତାଧିକ ଚତୁର୍ଥ ଶ୍ରେଣୀ କର୍ମଚାରୀ ଉପସ୍ଥିତ ଥିଲେ । ବୈଠକରେ ପଞ୍ଚାୟତସ୍ତରରେ ସଂପାଦକ ଓ ଅନ୍ୟ କର୍ମଚାରୀଙ୍କୁ ୨୦୦୯ରୁ ନିୟମିତ କରାଯାଇଥିବାବେଳେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ମଧ୍ୟ ନିୟମିତ କରିବା ପାଇଁ ଦାବି ହୋଇଥିଲା। ସେହିପରି ସର୍ବନିମ୍ନ ଦୈନିକ ମଜୁରି ୨୮୦ ଟଙ୍କା କରିବା, ସରକାରୀ ମାନ୍ୟତା, ସମସ୍ତ ସରକାରୀ ସୁବିଧା ପ୍ରଦାନ ଦାବି ନେଇ ଆଲୋଚନା କରାଯାଇଥିଲା। ଶୀତ ଅଧିବେଶନ ସୁଦ୍ଧା ଦାବିଗୁଡ଼ିକର ସମାଧାନ ନହେଲେ ଅଧିବେଶନ ସମୟରେ ରାଜ୍ୟର ୬୮୦୧ ପଞ୍ଚାୟତର ୧୦ ହଜାରରୁ ଅଧିକ କର୍ମଚାରୀ ବିଧାନସଭା ଘେରିବେ ବୋଲି ସଂଘ କହିଛି।

## ସ୍ୱଦେଶୀ ସପ୍ତାହ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ



ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

କୋରାପୁଟ,୨୯।୯(ସ୍ୱ.ପ୍ର.)

ସ୍ୱଦେଶୀ ସପ୍ତାହ ପାଇଁ କୋରାପୁଟରେ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଆୟୋଜିତ ହୋଇଛି । କୋରାପୁଟସ୍ଥିତ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ସେପ୍ଟେମ୍ବର ୨୫ ପଣ୍ଡିତ ଦୀନ ଦୟାଲଙ୍କ ଜୟନ୍ତୀରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସ୍ୱଦେଶୀ ସପ୍ତାହ ପାଳନ ହେଉଛି। ଏହି ଅବସରରେ ଲୋକଙ୍କୁ ସ୍ୱଦେଶୀ ସାମଗ୍ରୀ ବ୍ୟବହାର ପାଇଁ ଘର ଘର ବୁଲି ଲୋକଙ୍କୁ ସଚେତନ କରୁଛନ୍ତି ମଞ୍ଚର ଶତାଧିକ କର୍ମକର୍ତ୍ତା। ସ୍ୱଦେଶୀ ସପ୍ତାହ ଅବସରରେ ସ୍ଥାନୀୟ ସଂସ୍କୃତି ଭବନରେ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଷଷ୍ଠ ଓ ସପ୍ତମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ, ଅଷ୍ଟମ, ନବମ, ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ଏଥିରେ ଅଧ୍ୟାପକ ଗିରିଜା ଚୌଧୁରୀ ବିଚାରକ ଥିଲେ। ମଞ୍ଚର ରବି ମିଶ୍ର, ଜାମି ସନ୍ତୋଷ, ଶେଷାଦ୍ରୀ ପାଣିଗ୍ରାହୀ, ଭେଙ୍କଟେଶ ମିଶ୍ର, ନରସିଂହ ଦାସ, ପ୍ରିୟରଞ୍ଜନ ଦାସ, ଲଲାଟେନ୍ଦୁ ପାଢ଼ୀ, କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ସ୍ୱଦେଶୀ ସପ୍ତାହର ଶେଷ ଦିନ ଗାନ୍ଧୀ ଜୟନ୍ତୀରେ ପୁରସ୍କୃତ କରାଯିବ।

# ନବରାତ୍ର ଆରମ୍ଭ, ସଙ୍କଳ୍ପ କଲେ ମାନସିକଧାରୀ

ଜୟପୁର,୨୯।୯(ଡି.ଏନ୍.ଏ./ନି.ପ୍ର.)

ଜୟପୁର ସହରରେ ରବିବାର ମଧ୍ୟାହ୍ନ ପ୍ରତିପଦା ଅବସରରେ ନବରାତ୍ର ପୂଜା ଆରମ୍ଭ ହୋଇଛି। ସହରର ବିଭିନ୍ନ ଦେବୀପୀଠରେ ନବମୀ ପର୍ଯ୍ୟନ୍ତ ମାନସିକଧାରୀ ଅଖଣ୍ଡ ଦୀପ ପ୍ରଜ୍ୱଳନ ଓ ନାରିକେଳ ସ୍ଥାପନ ସହ ସଙ୍କଳ୍ପ ଆରମ୍ଭ କରିଛନ୍ତି। ଚଳିତ ବର୍ଷ ନବରାତ୍ର ୯ ବଦଳରେ ୮ ଦିନ ପଡୁଛି । ଜୟପୁରର ଅଧିଷ୍ଠାତ୍ରୀ ମା' ଭଗବତୀ ମନ୍ଦିର, ମା' ଦକ୍ଷିଣ କାଳିକା, ବସନ୍ତାୟୀ, ଜଗତଜନନୀ, ସାତଭଉଣୀ ମନ୍ଦିର, ଉଗ୍ରତାରା ମନ୍ଦିର, ନୂଆସାହିର ସର୍ବମଙ୍ଗଳା ମନ୍ଦିରରେ ଭକ୍ତମାନେ ଦୀପ ଜାଳି ନବରାତ୍ର ଆରମ୍ଭ କରିଛନ୍ତି। ଭଗବତୀ ମନ୍ଦିର ପୀଠରେ ୩୦୦ରୁ ଅଧିକ ମାନସିକଧାରୀଙ୍କ ସଙ୍କଳ୍ପ କାର୍ଯ୍ୟକୁ ମୁଖ୍ୟ ପୂଜକ ଧୀରେନ୍ଦ୍ର ରଥ, ସହ ପୂଜକ କାଳୀ ପ୍ରସାଦ ଦାଶ, ପୁରୁଷୋତ୍ତମ ନନ୍ଦ, ଜଗନ୍ନାଥ ତ୍ରିପାଠୀ, ସିଦ୍ଧେଶ୍ୱର ଦାଶ ସମ୍ପାଦନା କରିଥିଲେ। ସେହିପରି ରଥପଡିଆ ଛକ, ଘରୋଇ ବସ୍‌ଷ୍ଟାଣ୍ଡ ମହିଷାସୁର ମର୍ଦ୍ଦିନୀ, ଗୁଜରାଟି ସମ୍ପ୍ରଦାୟ ପକ୍ଷରୁ ଏମ୍‌ଜି ରୋଡରେ ମା' ବ୍ୟାଘ୍ରଦେବୀ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନା ସହ ନବରାତ୍ର ପାଳନ ଆରମ୍ଭ ହୋଇଛି। ଏହି ଅବସରରେ ଗୁଜରାଟି ସଂପ୍ରଦାୟ ଓ ସ୍ଥାନୀୟ ବାସିନ୍ଦା ଦାଣ୍ଡିଆ କାର୍ଯ୍ୟକ୍ରମରେ ସାମିଲ ହେବେ। ମା' ଭଗବତୀ, ପୁରୁଣାଗଡ଼, ବେହେରାସାହି ଦକ୍ଷିଣକାଳୀ, ଜଗତଜନନୀ, ବସନ୍ତାୟୀ, ମଙ୍ଗଳା ମନ୍ଦିର ଓ ଦେବୀଙ୍କ ସ୍ଥାପିତ ମୂର୍ତ୍ତି ନିକଟରେ ଚଣ୍ଡିପାଠ ଶୁଭାରମ୍ଭ କରାଯାଇଛି। ବିଜୟା ଦଶମୀ ପାଇଁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଦଶମୀରେ ଲାଠିଯାତ୍ରା ପାଇଁ କୋରାପୁଟ ଜିଲାର ବିଭିନ୍ନ ପୀଠକୁ ଦଶହରା କମିଟି ପକ୍ଷରୁ ନିମନ୍ତ୍ରଣ ଦିଆ ସରିଛି। ଜୟପୁର ସହରର ମୁଖ୍ୟରାସ୍ତା, ଏନ୍‌କେଟି ରୋଡ ସମେତ ସହରର ସମସ୍ତ ଗଳି ଆଲୋକମାଳାରେ ସୁସଜ୍ଜିତ ହୋଇସାରିଲାଣି। ରଜାନହର ପୂଜା ମଣ୍ଡପ, ଘରୋଇ ବସ୍ ମାଲିକ ସଂଘ ମଣ୍ଡପ ଓ ପାଇକ ସାହି ପୂଜା ମଣ୍ଡପରେ ମୃଣ୍ମୟ ମୂର୍ତ୍ତି ପୂଜା ଆରମ୍ଭ ହୋଇଛି। ମାଦଳା ସାହି, ପାୱାର ହାଉସ୍, ରିକ୍ସା ଷ୍ଟାଣ୍ଡ, ଗାନ୍ଧି ଛକ ବଣିକ ସଂଘ, ସରକାରୀ ବସ୍‌ଷ୍ଟାଣ୍ଡରେ ମଧ୍ୟ ପୂଜା ମଣ୍ଡପ ହୋଇଛି।



ଜୟପୁର ରଥ ପଡ଼ିଆ ମଣ୍ଡପରେ ଦେବୀଙ୍କ ମୃଣ୍ମୟ ମୂର୍ତ୍ତି।

## ସଂକ୍ଷେପରେ

### ନିଶାସକ୍ତ ଅବସ୍ଥାରେ ଗାଡି ଚଳାଇ ୩ ଗିରଫ

କାଲିମେଲା,୨୯।୯(ଡି.ଏନ.ଏ.): ମାଲକାନଗିରି ମୋଟୁ ଜାତୀୟ ରାଜପଥ କାଲିମେଲାଠାରେ ମଦପିଇ ନିଶାଗ୍ରସ୍ତ ଅବସ୍ଥାରେ ଗାଡି ଚଳାଉଥିବା ୩ ଜଣ ମୋଟରସାଇକେଲ ଆରୋହୀଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏମପିଭି-୭୫ ଗ୍ରାମର ଅଭିଳାଶ କବିରାଜଙ୍କ ପୁଅ ଅତିଜ କବିରାଜ, ପିଦିକୋଣ୍ଡା ଗ୍ରାମର ଉଲା ମାଡକାମିଙ୍କ ପୁଅ ଭୀମା ମାଡକାମି ଓ ଇଦୁକୋଣ୍ଡା ଗ୍ରାମର ଆଡମା କୁଞ୍ଜାମିଙ୍କ ପୁଅ ଭୀମା କୁଞ୍ଜାମି। ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ସେମାନେ ଧରାପଡିଛନ୍ତି। କାଲିମେଲା ଏଏସଆଇ ଗୋବିନ୍ଦ୍ର ଚନ୍ଦ୍ର ପାତ୍ର, ମଲ୍ଲିକେଶ୍ୱର ଶବର କନଷ୍ଟେବଲ ଉମାକାନ୍ତ ପଟାୟତ, ପୁରୁଷୋତ୍ତମ ରାୟ, ପ୍ରମୋଦ ମହାନ୍ତି ପ୍ରମୁଖ ବ୍ଲକ କଲୋନୀ ଅଞ୍ଚଳରେ ପାଟ୍ରୋଲିଂ କରି ଗାଡିମୋଟର ଯାଞ୍ଚ କରୁଥିଲେ । ଏହି ସମୟରେ ଏମପିଭି-୭୫ ଗ୍ରାମର ଅତିଜ,ଭୀମା ଓ ଭୀମା କୁଞ୍ଜାମି ମଦ ପିଇ ଗାଡି ଚଳାଉଥିବା ପୋଲିସ କର୍ମଚାରୀ ଜାଣିବାକୁ ପାଇଥିଲେ। ଯାଞ୍ଚ ବେଳେ ସେମାନେ ହେଲମେଟ୍ ପିନ୍ଧି ନ ଥିବା, ସେମାନଙ୍କ ନିକଟରେ ଗାଡିର ରେଜିଷ୍ଟ୍ରେଶନ, ଇନସ୍ୟୁରେନ୍ସ, ପଲ୍ୟୁଶନ ସାର୍ଟିଫିକେଟ ନ ଥିବା ଜଣାପଡିଥିଲା। ପୋଲିସ ଏମାନଙ୍କ ଉପରେ ଫାଇନ ନ ପକାଇ ୧୭୭,୧୮,୧୮୫,୧୯୬ ଏମଭି ଆକ୍ଟରେ ସମସ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେମାନଙ୍କଠାରୁ ୩ଟି ମୋଟର ସାଇକେଲକୁ ମଧ ଜବତ କରାଯାଇଛି।

### ଦଶହରା ପୂଜା ପାଇଁ ଅର୍ଥ ଆଦାୟ ଅଭିଯୋଗ

ମାଲକାନଗିରି,୨୯।୯(ଡି.ଏନ୍.ଏ.): ମାଲକାନଗିରି ଜିଲାରେ କେତେକ ଗଣମାଧମ ପ୍ରତିନିଧି ବିଭିନ୍ନ ବ୍ଲକ ଅଞ୍ଚଳରେ ଥିବା ଆବାସିକ ବିଦ୍ୟାଳୟଗୁଡିକର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦଶହରା ଚାନ୍ଦା ମାଗୁଥିବା ଅନେକ ଶିକ୍ଷକ ସେମାନଙ୍କ ନାମ ପ୍ରକାଶ ନ କରି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗତ ୨୮ରେ ଶିକ୍ଷକ ସଙ୍ଗଠନ ପକ୍ଷରୁ ଏକ ବୈଠକ କରି ସମ୍ପୃକ୍ତ ଗଣମାଧମ ପ୍ରତିନିଧିମାନଙ୍କ ବିରୋଧରେ ସଂସ୍ଥାର ମାଲିକଙ୍କୁ ଜଣାଇବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଗଣମାଧମ ସଙ୍ଗଠନ ଏହାକୁ ଅସ୍ୱୀକାର କରିଛି। ଜିଲା ପ୍ରଶାସନ ଏବଂ ପୋଲିସ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

### ମୋବାଇଲ୍ ଚୋରି ଘଟଣାରେ ୨ ଗିରଫ

ରାୟଗଡ଼(ଗଜପତି), ୨୯।୯ (ଡି.ଏନ୍.ଏ.): ଗଜପତି ଜିଲା ରାୟଗଡ଼ ଥାନା ଅନ୍ତର୍ଗତ ଜିରାଙ୍ଗ ଗ୍ରାମରେ ମୋବାଇଲ୍ ଚୋରି ଅଭିଯୋଗରେ ୨ଜଣଙ୍କୁ ପୋଲିସ ଗିରଫ କରିଛି। ସୂଚନାଯୋଗ୍ୟ, ଗତ ଶ୍ରାବଣ ମାସରେ ଜିରାଙ୍ଗଠାରେ ଅନୁଷ୍ଠିତ ବୋଲ୍‌ବମ୍ ମହାସଂଘରେ ଜିରାଙ୍ଗ ବିଟ୍ ହାଉସ ଅନ୍ତର୍ଗତ ଗଡିଡ଼ା ଗ୍ରାମର ଚନ୍ଦ୍ର କାର୍ଜି ସାମ୍‌ସଙ୍ଗ ଜେ-୭ ମୋବାଇଲ୍ ଚୋରି ହୋଇଥିବାବେଳେ ବହୁ ଖୋଜାଖୋଜି ପରେ ମଧ ପାଇ ନ ଥିଲେ। କିଛି ଦିନ ପରେ ମୋବାଇଲ୍‌ଟି ଜିରାଙ୍ଗ ଗ୍ରାମର ବିଶ୍ୱନାଥ ପାଇକ (୧୮) ମୋବାଇଲ୍ ଚୋରି କରି ମୋହନା ଥାନା ଅନ୍ତର୍ଗତ ଗୁଆଆମ୍ବ ଗ୍ରାମର ନିରଞ୍ଜନ ପାତ୍ରଙ୍କୁ ଚୋରି ମୋବାଇଲ୍‌କୁ ୧୦୦୦ ଟଙ୍କାରେ ବିକ୍ରି କରିଥିଲେ। ଏ ନେଇ ଚନ୍ଦ୍ର ଜାଣିବା ପରେ ଜିରାଙ୍ଗ ବିଟ୍‌ହାଉସ୍‌ରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଫାଣ୍ଡି ଅଧିକାରୀ ପ୍ରକାଶ ଶବର ତଦନ୍ତ ଚଳାଇଥିଲେ। ଶନିବାର ରାତିରେ ମୋବାଇଲ୍ ଚୋର ଏବଂ ଚୋରି ମୋବାଇଲ୍ କିଣିଥିବା ବ୍ୟକ୍ତିଙ୍କୁ ଗିରଫ କରିବା ସହ ଚୋରି ମୋବାଇଲ୍ ଉଦ୍ଧାର କରାଯାଇଛି।

### ୧୯ଶହ ପାଉଚ୍ ମଦ ଜବତ

ପାରଳାଖେମୁଣ୍ଡି,୨୯।୯ (ସ୍ୱ.ପ୍ର.): ଗଜପତି ଜିଲା ଆର୍. ଉଦୟଗିରି ଖ୍ରୀଷ୍ଟିଆନ ସାହିରେ ରବିବାର ପୋଲିସ ପକ୍ଷରୁ ଚଢାଉ କରାଯାଇ ୧୯ଶହ ପାଉଚ୍ ମଦ ଜବତ ହୋଇଛି । ପ୍ରକାଶଯେ, ପୋଲିସ କୌଣସି ସୂତ୍ରରୁ ସୂଚନା ପାଇ ଖ୍ରୀଷ୍ଟିଆନ ସାହିର ଦୀପସାଗର ସିଂଙ୍କ ଘରେ ହଠାତ ଚଢାଉ କରିଥିଲା। ଚଢ଼ାଉବେଳେ ଘରୁ ୨୦ଟି ବସ୍ତା(୧୯ଶହ ପାଉଚ୍) ଦେଶୀ ମଦ ଥିବା ଜଣାପଡ଼ିଥିଲା। ଏ ନେଇ ଆର୍. ଉଦୟଗିରି ଥାନାରେ କେସ୍ ନଂ ୧୦୯/୧୯ ରେ ଏକ ମାମଲା ରୁଜୁ ହୋଇଛି। ତେବେ ଘରମାଲିକ ଏ ପର୍ଯ୍ୟନ୍ତ ଗିରଫ ହୋଇ ନ ଥିବାବେଳେ ୩ କର୍ମଚାରୀଙ୍କୁ ଗିରଫ କରାଯାଇଛି।

# ଶାରଦୀୟ ନବଦିନାତ୍ମକ ପୂଜା

- ନୀଳାମ୍ବା ମନ୍ଦିରରେ ଚାଲିଛି ବିଶେଷ ପୂଜାର୍ଚ୍ଚନା
- ୨୦୦ ବର୍ଷ ହେଲା ହୋଇଆସୁଛି ନବରାତ୍ରୀ ପୂଜା



ପାରଳାଖେମୁଣ୍ଡି,୨୯।୯ (ସ୍ୱ.ପ୍ର.)

ଆଶ୍ୱୀନ ଶୁକ୍ଳ ପ୍ରତିପଦା ତିଥିରେ ଆରମ୍ଭ ହୋଇଛି ଦେବୀ ଦୁର୍ଗାଙ୍କ ନବରାତ୍ରୀ ପୂଜା। ଏହି ୯ରାତ୍ରୀ ଏବଂ ୧୦ଦିନରେ ଶକ୍ତି/ଦେବୀଙ୍କୁ ୯ରୂପରେ ପୂଜାର୍ଚ୍ଚନା କରାଯାଇଥାଏ। ଦଶମ ଦିନଟିକୁ ଦଶହରାଭାବେ ପାଳନ କରାଯାଇଥାଏ। ଗଜପତି ଜିଲାର ପାରଳାଖେମୁଣ୍ଡିରେ ମଧ ରବିବାର ନବରାତ୍ରୀ ପୂଜା ଆରମ୍ଭ ହୋଇଛି। ବିଭିନ୍ନ ପୀଠ ଏବଂ ମଣ୍ଡପରେ ମା'ଙ୍କ ନବଦିନାତ୍ମକ ପୂଜା ଆରମ୍ଭ ହୋଇଛି। ସହରର ଗ୍ରାମଦେବୀ ନୀଳାମ୍ବା ଠାକୁରାଣୀ ମନ୍ଦିରରେ ନବରାତ୍ରୀ ପୂଜା ଓ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରାୟ ୨୦୦ବର୍ଷ ହେଲା ଏହି ଠାକୁରାଣୀ ମନ୍ଦିରରେ ନବରାତ୍ରୀ ପୂଜା ଅନୁଷ୍ଠିତ ହୋଇଆସୁଛି । ଏଠାରେ ଶନିବାର ରାତି ସାଢ଼େ ୧୨ଟାରୁ ମା'ଙ୍କ ରୀତିନୀତି ଆରମ୍ଭ ହୋଇଥିବାବେଳେ ଏହା ଅକ୍ଟୋବର ୮ ଦଶହରା ପର୍ଯ୍ୟନ୍ତ ଚାଲିବ। ପ୍ରତିବର୍ଷ ଏଠାରେ ନବରାତ୍ରୀ ଅବସରରେ ଦାଣ୍ଡିଆ ନାଚ ବେଶ୍ ଆକର୍ଷଣୀୟ ଢଙ୍ଗରେ ପରିବେଷଣ ହୋଇଥାଏ। ମାତ୍ର ଚଳିତବର୍ଷ ମନ୍ଦିର କାର୍ଯ୍ୟ ଚାଲିଥିବା ଯୋଗୁ ଦାଣ୍ଡିଆ କାର୍ଯ୍ୟକ୍ରମ ଅକ୍ଟୋବର ୩ ରୁ ୮ ତାରିଖ ପର୍ଯ୍ୟନ୍ତ ସୀମିତ ରଖାଯାଇଛି। ଏହି ଦାଣ୍ଡିଆ ନାଚ ସହରରେ ଏକ ନିଆରା ପରମ୍ପରା ହୋଇଥିବାବେଳେ ଏଥିରେ ସମସ୍ତେ ଅଂଶଗ୍ରହଣ କରିପାରିବେ। ଏହି ୯ଦିନରେ ପ୍ରତ୍ୟେକ ଦିନ ମା'ଙ୍କ ମଙ୍ଗଳ ଆରତୀ, ବେଶରଙ୍ଗ ମାର୍ଜନା, ପଣା-ଫଳ ଭୋଗ, ମଧ୍ୟାହ୍ନ ଆଳତୀ, ରାତି ସମୟରେ ପହଡ ଆରତୀ, ମଙ୍ଗଳ ଆରତୀ ପରେ ୧୦୮ ମହା ଆରତୀ, ବିଶ୍ରାମ ଆରତୀ ଆଦି ସମ୍ପୂର୍ଣ୍ଣ ପାରମ୍ପାରିକ ରିତୀନୀତିରେ ଅନୁଷ୍ଠିତ ହୋଇଥାଏ । ଅଷ୍ଟମୀ ମଧରାତ୍ରୀରେ ସନ୍ଧିପୂଜା ଅନୁଷ୍ଠିତ ହୋଇଥାଏ । ଏହି ଦିନ ମା'ଙ୍କ ନିକଟରେ ସ୍ୱତନ୍ତ୍ର ଭୋଗ ଲାଗିଥାଏ । ସେହିପରି ଏଠାରେ ଆମିଷ ଭୋଗ ଲାଗୁଥିବାବେଳେ ମାଛ, ମାଂସ, ମାଛପୋଡ଼ା, ଖିରି, ମାଗୁର ମାଛ ପୋଡା ଇତ୍ୟାଦି ଭୋଗ ଲାଗି କରାଯାଇଥାଏ । ପାରଳାଖେମୁଣ୍ଡି ସହରର ଏହି ପ୍ରସିଦ୍ଧ ତଥା ପାରମ୍ପାରିକ ଗ୍ରାମଦେବୀ ମନ୍ଦିରରେ ପ୍ରତିବର୍ଷ ନବରାତ୍ରୀ ପୂଜା ଦେଖିବାପାଇଁ ସହର ଏବଂ ଆଖ ପାଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ମନ୍ଦିରରେ ପୂଜକଭାବେ ନରସିଂହ, ଶଙ୍କର, ମଙ୍ଗଳା ମହାରଣା ରହିଥିବାବେଳେ ଲୁଲୁ ମହିହାତୀ, ସନ୍ତୋଷ ସାହୁ ପ୍ରମୁଖ ସହଯୋଗ କରୁଛନ୍ତି । ଏହା ରାଜାଙ୍କ ଅମଳର ମନ୍ଦିର ହୋଇଥିଲେ ମଧ ବହୁ ଉନ୍ନୟନ କାର୍ଯ୍ୟ କରାଯାଇଛି।



ଅତିଥିଙ୍କ ଗହଣରେ ଗୀତା ଆବୃତ୍ତି ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନେ।

# ଗୀତା ଆବୃତ୍ତି ପ୍ରତିଯୋଗିତା

ଗୋବିନ୍ଦପାଲି,୨୯।୯(ଡି.ଏନ.ଏ.)

ମାଥିଲି ସରସ୍ୱତୀ ଶିଶୁ ମନ୍ଦିରରେ ରବିବାର ଏକ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୁରୀସ୍ଥିତ ପ୍ରଜ୍ଞାନ ମିଶନ ପକ୍ଷରୁ ହୋଇଥିବା ଏହି ପ୍ରତିଯୋଗିତାରେ ପ୍ରଥମ ଶ୍ରେଣୀରୁ ଯୁକ୍ତ୨ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୪ଟି ବିଭାଗରୁ ୧୨ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତା ସମୟରେ ମିଶନର ମାଲକାନଗିରି ଜିଲା ସଂଯୋଜକ ଭୁବନାନନ୍ଦ ସାହୁ ଉପସ୍ଥିତ ଥିଲେ। ବ୍ଲକ ଦାୟିତ୍ୱରେ ଥିବା ମିଶନର ଦୁର୍ଗା ପ୍ରସାଦ ମହାପାତ୍ର ପରିଚାଳନା କରିଥିଲେ।

# ମା', ଶିଶୁଙ୍କ ପୋଷଣ ବୃଦ୍ଧି ପାଇଁ ସଚେତନତା

## ରାଷ୍ଟ୍ରୀୟ ପୋଷଣ ମାସ

ରାୟଗଡ଼(ଗଜପତି), ୨୯।୯(ଡି.ଏନ୍.ଏ.)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାୟଗଡ଼ ବ୍ଲକ୍ ସଦରସ୍ଥିତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ପ୍ରକଳ୍ପ ସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଡିଓ ଲୁକାଶ ପ୍ରଧାନ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଗିରିଜା ପତି, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତେରସ୍କଭା ମଲିକ, ଏବିଡିଓ ପିତାମ୍ବର ବେହେରାଙ୍କ ସମେତ ୱାର୍ଡ ସଭ୍ୟମାନେ ଉପସ୍ଥିତ ଥିଲେ। ଉଭୟ ମା' ଓ ଶିଶୁଙ୍କ ପୋଷଣ ବୃଦ୍ଧି ସମ୍ପର୍କରେ ଏଠାରେ ସଚେତନତା ସୃଷ୍ଟି କରାଯାଇଥିଲା। ବିଶେଷକରି ଆଦିବାସୀ ଅଧ୍ୟୁସିତ ଗଜପତି ଜିଲାରେ ୦ରୁ ୬ବର୍ଷ ବୟସର ଶିଶୁମାନେ ଦୃଷ୍ଟିହୀନତା ଯୋଗୁ ଦୁର୍ବଳ ହୋଇପଡ଼ି ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ତେଣୁ ସରକାରଙ୍କ ପକ୍ଷରୁ ଶିଶୁ-ମାତୃ ମୃତ୍ୟୁହାର ହ୍ରାସ ପାଇଁ ପୁଷ୍ଟିକର ଖାଦ୍ୟର ବ୍ୟବସ୍ଥା କରାଯାଇଛି। ଶିଶୁମାନଙ୍କୁ ଛତୁଆ, ରନ୍ଧାଖାଦ୍ୟ, ସବୁଜ ପନିପରିବା ଖୁଆଇବା ସହ ପରିସ୍କାର ପରିଚ୍ଛନ୍ନତା, ମଶାରୀ ବ୍ୟବହାର, ସ୍ୱଚ୍ଛ ପାନୀୟଜଳ ବ୍ୟବହାର ସମ୍ପର୍କରେ ଅବଗତ କରାଇବା ପାଇଁ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗ୍ରାମାଞ୍ଚଳରୁ ସଂଗ୍ରହ ହୋଇଥିବା ବିଭିନ୍ନ ପନିପରିବାରେ ପ୍ରସ୍ତୁତ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମକୁ ସୁପରଭାଇଜର୍ ଅଂଶୁପା ସାହୁ ପରିଚାଳନା କରିଥିବାବେଳେ ଅନ୍ୟମାନେ ସହଯୋଗ କରିଥିଲେ। ଏଠାରେ ୭୦ରୁ ଉର୍ଦ୍ଧ୍ୱ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ। ସେହିପରି ଉପସ୍ଥିତ ଗର୍ଭବତୀଙ୍କ ପାଇଁ 'ସାଦଖିଆ'ଉତ୍ସବ କରାଯାଇଥିଲା।

# ୪୨ କେଜି ଗଞ୍ଜେଇ ଜବତ,୪ ଗିରଫ

କାଲିମେଲା,୨୯।୯(ଡି.ଏନ.ଏ)

ପୁଣି ଥରେ କାଲିମେଲା ପୋଲିସ ହାତରେ ପଡିଛନ୍ତି ଗଞ୍ଜେଇ ଚୋରା ଚାଲାଣକାରୀ। ଗତ ୪ ଦିନ ଭିତରେ ଏମଭି-୯୦ ଓ ଏମପିଭି-୧୫ ଗ୍ରାମରୁ ଗଞ୍ଜେଇ ଜବତ କରି ୬ ଜଣଙ୍କୁ ପୋଲିସ କୋର୍ଟଚାଲାଣ କରିଥିବା ବେଳେ ପୁଣି ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କାଲିମେଲା ଅଞ୍ଚଳର ରଘୁନାଥ ଖରାଙ୍କ ପୁଅ ସନ୍ତୋଷ କୁମାର ଖରା, ଆନ୍ଧ୍ର ବିଶାଖାପାଟଣା ଅଞ୍ଚଳର ଅର୍ଜୁନ ପାଙ୍ଗି, ଚିତ୍ରକୋଣ୍ଡା ଅଞ୍ଚଳର ଲବ ଖିଲଙ୍କ ପୁଅ କନ୍ତା ଖିଲ ଓ ଚିନ୍ନା ରାଓ। ଖବରରୁ ଜଣାପଡିଛି ଏସଆଇ ସୋମନାଥ ଦଳବେହେରାଙ୍କ ନେତୃତ୍ୱରେ ପୋଟେରୁ ଫାଣ୍ଡି ଏସଆଇ ମନୋହର ସାହୁ, କନଷ୍ଟେବଲ ବୁଲୁ ପଟ୍ଟନାୟକଙ୍କ ସହ ପୋଲିସ କର୍ମଚାରୀମାନେ ଶନିବାର ଏମଭି-୨୩, ଏମଭି-୬୬, କାଙ୍ଗୁରୁକୋଣ୍ଡା, ଗମ୍ପାକୋଣ୍ଡା, ତୁମକିମାଡକା ଏବଂ ବେଜାଙ୍ଗିବାଡା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ୨ଟି ବାଇକରେ ଉପରୋକ୍ତ ବ୍ୟକ୍ତିମାନେ ୨ଟି ବସ୍ତାରେ ଗଞ୍ଜେଇ ଭର୍ତ୍ତି କରି ବେଜାଙ୍ଗିବାଡା ଅଞ୍ଚଳରୁ କାଲିମେଲା ଆସୁଥିଲେ। ବେହେରାଗୁଡା ଗ୍ରାମ ନିଟରେ ପୋଲିସ ସେମାନଙ୍କୁ ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ ବସ୍ତା ଭିତରୁ ଗଞ୍ଜେଇ ମିଳିଥିଲା। ଜବତ ଗଞ୍ଜେଇର ପରିମାଣ ୪୨ କେଜି ୨ ଶହ ଗ୍ରାମ ବୋଲି ଜଣାପଡିଛି। ଏମାନଙ୍କଠାରୁ ଗୋଟିଏ ମୋବାଇଲ ଫୋନ,୨ଟି ବାଇକ ଜବତ ହୋଇଛି। କେସ ନଂ. ୧୪୯/୧୯ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ପକ୍ଷରୁ କୁହାଯାଇଛି।

# ସାକ୍ଷର, ସ୍ୱଚ୍ଛ, ସବୁଜ ଭାରତର ସଙ୍କଳ୍ପ

ପାରଳାଖେମୁଣ୍ଡି,୨୯।୯(ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ବାଲ୍‌ମୁକୁନ୍ଦ କେନ୍ଦ୍ରରେ ରବିବାର ସାକ୍ଷର, ସ୍ୱଚ୍ଛ ଓ ସବୁଜ ଭାରତର ସଙ୍କଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁମାନଙ୍କୁ ସ୍ୱଚ୍ଛତା, ସାକ୍ଷରତା ଓ ସବୁଜ ପରିବେଶ ସମ୍ପର୍କରେ ସଚେତନ କରାଯାଇଥିଲା। ଅକ୍ଟୋବର ୨ ତଥା ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀରେ କେନ୍ଦ୍ର ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହେବ। ଏଥିରେ ଗାନ୍ଧିଜୀଙ୍କ ସ୍ୱପ୍ନର ସବୁଜମୟ ସ୍ୱଚ୍ଛ ପରିବେଶ ଓ ଅହିଂସା ମାର୍ଗ ଉପରେ ସଚେତନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ଜଗତଗୁରୁଙ୍କ ଦର୍ଶନକୁ ସାକାର କରିବାପାଇଁ ସଂକଳ୍ପ ନିଆଯାଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଗୁରୁ ଦିଲ୍ଲେଶ୍ୱର ରାଓ ଯୋଗଦେଇ ଯୋଗ ଶିକ୍ଷା ଦେଇଥିଲେ । ସେହିପରି ବିଶ୍ୱନାଥ ପାଢୀ, ଶିବପ୍ରସାଦ ପଟ୍ଟନାୟକ, ମନମୋହନ ରାଜଗୁରୁ, ବଳରାମ ନାଗା, ଏନ୍. ରାମାରତ୍ନ, ସଞ୍ଜୟ ଜେନା ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ ।

- ଜିଲାପାଳଙ୍କ ଭୋଟର ଯାଞ୍ଚ କାର୍ଯ୍ୟକ୍ରମ ଅନୁଧ୍ୟାନ

# କାର୍ଯ୍ୟରେ ଅବହେଳା ପାଇଁ ବିଏଲ୍‌ଓଙ୍କ ଦରମା ବନ୍ଦ ନିର୍ଦ୍ଦେଶ

ପାରଳାଖେମୁଣ୍ଡି,୨୯।୯(ସ୍ୱ.ପ୍ର.)

ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରକାଶ ପାଇଁ ଗଜପତି ଜିଲାର ପାରଳାଖେମୁଣ୍ଡିରେ ଚାଲିଛି ଭୋଟର ଯାଞ୍ଚ ଓ ସଂଶୋଧନ କାର୍ଯ୍ୟକ୍ରମ। ଗଜପତି ଜିଲାପାଳ ଅନୁପମ ଶାହା ରବିବାର ବିଭିନ୍ନ ବୁଥ୍ ପରିଦର୍ଶନରେ ଯାଇ କାର୍ଯ୍ୟକ୍ରମ କିପରି ଚାଲିଛି ସେ ନେଇ ଯାଞ୍ଚ କରିଥିଲେ। ଏହି ସମୟରେ ସ୍ଥାନୀୟ ଆପନା ପରିଚ୍ଛା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ୧୬୭ନମ୍ବର ବୁଥ୍ ଦାୟିତ୍ୱରେଥିବା ବିନୁତା କୁମାରୀ ସାମଲଙ୍କ କାର୍ଯ୍ୟରେ ଅବହେଳା ଯୋଗୁ ତାଙ୍କ ଦରମା ବନ୍ଦ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି । ଘଟଣାରୁ ପ୍ରକାଶ ଯେ, ଏହି ବୁଥ୍‌ରେ ମୋଟ ୧୦୨୪ ଭୋଟର ରହିଥିବାବେଳେ ବିଏଲ୍‌ଓ ଦାୟିତ୍ୱରେଥିବା ଉକ୍ତ ଶିକ୍ଷୟିତ୍ରୀ ମାତ୍ର ୯୦ଟି ଭୋଟର କାର୍ଡ ଯାଞ୍ଚ କରିଥିବା ଜିଲାପାଳ ଜାଣିବାକୁ ପାଇଥିଲେ। ଫଳରେ ସେ ଏପରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡ଼ିଛି। କାର୍ଯ୍ୟରେ ଅବହେଳା କଲେ ଆଗକୁ ମଧ ଏପରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅନୁରୂପଭାବେ ମହାରାଜାଙ୍କ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଭୋଟର ଯାଞ୍ଚ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ପ୍ରକାଶଯୋଗ୍ୟ, ଅକ୍ଟୋବର ୧୫ ପର୍ଯ୍ୟନ୍ତ ଏହି ଭୋଟର ଯାଞ୍ଚ କାର୍ଯ୍ୟକ୍ରମ ଚାଲିବ। ତେଣୁ ଭୋଟରମାନେ ଏହା ମଧରେ କାର୍ଡ ଯାଞ୍ଚ କରାଇନେବା ପାଇଁ କହିଛନ୍ତି। ଯଦ୍ୱାରା ନିର୍ଭୁଲ ଭୋଟର ତାଲିକା ପ୍ରକାଶ ପାଇପାରିବ। ସେହିପରି ଭୋଟର କାର୍ଡ ଯାଞ୍ଚ ପାଇଁ (ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ.ଏନ୍‌ଭିଏସ୍‌ପି.ଇନ୍) ୱେବ୍‌ସାଇଟରେ ଲଗିନ୍ ପରିଚୟପତ୍ର ଯାଞ୍ଚ କରିପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହା ବ୍ୟତୀତ ଜିଲାପାଳ ୧୬୫ ଏବଂ ୧୬୬ ନଂ ବୁଥ୍ ମଧ ପରିଦର୍ଶନ କରିଥିବା ଜଣାପଡ଼ିଛି ।

- ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା

# ପ୍ରତିବର୍ଗରୁ ୫ ଚିତ୍ର ଯିବ ରାଜ୍ୟସ୍ତରକୁ



ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଚିତ୍ର ଆଙ୍କୁଛନ୍ତି।

ପାରଳାଖେମୁଣ୍ଡି,୨୯।୯(ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଜିଲାର ବିଭିନ୍ନ ବ୍ଲକରୁ ୮୮ଜଣ ପ୍ରତିଯୋଗୀ ଭାଗନେଇଥିଲେ। ପ୍ରତିଯୋଗିତାରେ ସାଧାରଣବର୍ଗ ଏବଂ ଦିବ୍ୟାଙ୍ଗ ବର୍ଗର ପ୍ରତିଯୋଗୀଙ୍କୁ ୬ଭାଗରେ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଇଥିଲା। ନିର୍ଦ୍ଦେଶାବଳୀ ଅନୁସାରେ ଭିନ୍ନ ଭିନ୍ନ ବିଷୟବସ୍ତୁ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ ଦ୍ୱାରା ଚୟନ କରାଯାଇଥିବା ବିଚାରପତିମାନେ ଚିତ୍ରାଙ୍କନର ମୂଲ୍ୟାୟନ କରିଥିବାବେଳେ ପ୍ରତିବର୍ଗରୁ ୫ଟି ଲେଖାଁଏ ଚିତ୍ରାଙ୍କନକୁ ଚିହ୍ନଟ କରାଯାଇ ରାଜ୍ୟସ୍ତରକୁ ପଠାଯିବ। ସେହିପରି ପ୍ରତିବର୍ଗରୁ ୩ କୃତୀ ପ୍ରତିଯୋଗୀଙ୍କୁ ଆଗାମୀ ଦିନରେ ଯେ କୌଣସି ଜିଲାସ୍ତରୀୟ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବ। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ସୁନୀତା ମିଶ୍ର, ପ୍ରସନ୍ନ ପଣ୍ଡା ଏବଂ ମୂରଲୀ ପରିଚ୍ଛା ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ସିଡବ୍ଲ୍ୟୁସିର ଅଧକ୍ଷ ପ୍ରମୋଦ କୁମାର ରାଉଳ, ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀ ଏବଂ ଚାଇଲ୍ଡଲାଇନ୍‌ର ସଦସ୍ୟ ତଥା ଶିଶୁ ସୁରକ୍ଷା ୟୁନିଟର ସଦସ୍ୟମାନେ ପରିଚାଳନା କରିଥିଲେ।



ବିଜେଡି ପକ୍ଷରୁ ଗାନ୍ଧୀଜୟନ୍ତୀ ପାଳନ ନେଇ ବସିଥିବା ବୈଠକ।

# ବିଜେଡି ପକ୍ଷରୁ ୧୫୦ତମ ଗାନ୍ଧୀ ଜୟନ୍ତୀ ପାଳନ ପାଇଁ ବୈଠକ

ମାଲକାନଗିରି,୨୯।୯(ଡି.ଏନ୍.ଏ.)

ମାଲକାନଗିରି ଜିଲା ବିଜୁ ଜନତା ଦଳ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ୧୫୦ତମ ଗାନ୍ଧୀ ଜୟନ୍ତୀ ପାଳନ ଲାଗି ବୈଠକ ଅନୁଷ୍ଠିତ ହେଉଛି। ଏହି ଉପଲକ୍ଷେ ରବିବାର ମାଲକାନଗିରି ଜିଲା ବିଜେଡି ସଭାପତି ମାନସ ମାଡକାମିଙ୍କ ନେତୃତ୍ୱରେ ସଦର ବ୍ଲକ ପଦ୍ମଗିରି, ଝରାପାଲି ଏବଂ ଉଡୁପା ପଞ୍ଚାୟତରେ ଦଳୀୟ କର୍ମକର୍ତ୍ତା ଏବଂ କର୍ମୀଙ୍କୁ ନେଇ ବୈଠକ ହୋଇଛି। ଦଳ ପକ୍ଷରୁ ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳନରେ ଦଳର ସମସ୍ତ କର୍ମକର୍ତ୍ତା ଓ କର୍ମୀ ଅଂଶଗ୍ରହଣ କରିବାକୁ ମାଡକାମି ପରାମର୍ଶ ଦେଇଛନ୍ତି। କର୍ମୀମାନେ ପ୍ରତି ଗ୍ରାମକୁ ଯାଇ ଦଳର ଆଭିମୁଖ୍ୟ ଏବଂ ଲୋକଙ୍କ ପାଇଁ କରାଯାଇଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇବା ଲାଗି ସେ ପରାମର୍ଶ ଦେଇଛନ୍ତି। ଲୋକଙ୍କ ସହ ଉତ୍ତମ ସମ୍ପର୍କ ରକ୍ଷା କରି ସଭ୍ୟ ସଂଗ୍ରହ ଉପରେ ମଧ ସେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଅକ୍ଷୟ ନାୟକ, ଡ. କାମରାଜ କବାସୀ, ଆଇନଜୀବୀ ଲମ୍ବୋଦର ତୁରୁକ, ସମ୍ପାଦକ ପ୍ରୀତପାଲ ସିଂ, ଝରାପାଲି ସରପଞ୍ଚ ସୁବର୍ଣ୍ଣା ମାଡକାମି, ସୁରେନ୍ଦ୍ର ରଥଙ୍କ ସମେତ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୧୨୫ ପ୍ରତିଯୋଗୀଙ୍କୁ ନେଇ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ମାଲକାନଗିରି,୨୯।୯(ଡି.ଏନ୍.ଏ.)



ଚିତ୍ରାଙ୍କନ ପ୍ରତିଯୋଗିତାରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ।

ମାଲକାନଗିରି ଜିଲା ସଦର ମହକୁମା ମାଲ୍ୟବନ୍ତ ଛାତ୍ରାବାସ ପରିସରରେ ରବିବାର ଜିଲା ଶିଶୁ ସୁରକ୍ଷା ସଂସ୍ଥା ପକ୍ଷରୁ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୭ଟି ବ୍ଲକର ଛାତ୍ରୀଛାତ୍ର ଏବଂ ଯୁବପିଢି ଅଂଶଗ୍ରହଣ କରିଥିଲେ। ୧୨୫ ପ୍ରତିଯୋଗୀଙ୍କୁ ୩ଭାଗରେ ବିଭକ୍ତ କରାଯାଇଥିଲା। ସେମାନଙ୍କୁ ଧଳା ଦଳ ୧୦ରୁ ୧୬ ବର୍ଷ, ସବୁଜ ଦଳ ୫ରୁ୯ ବର୍ଷ ଏବଂ ହଳଦିଆ ଦଳ ୫ରୁ୧୦ ବର୍ଷ (କେବଳ ଭିନ୍ନ କ୍ଷମ ମାନଙ୍କ ପାଇଁ) ନାଲି ଦଳ ୧୧ରୁ୧୮ ବର୍ଷ (କେବଳ ଭିନ୍ନକ୍ଷମମାନଙ୍କ ପାଇଁ) ବର୍ଗରେ ବିଭକ୍ତ କରାଯାଇଥିଲା। ଆସନ୍ତା ୨ରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଏହି କାର୍ଯ୍ୟକ୍ରମ ହୋଇଥିଲା। ବିଚାରକ ମଣ୍ଡଳୀ ଭାବେ ମାଥିଲି ଆଦର୍ଶ ବିଦ୍ୟାଳୟ ଝୁଲଣିବାହାଲ ଗ୍ରାମର ଦୁର୍ଯ୍ୟୋଧନ ବେହେରା, କୁଡୁମୁଲୁଗୁମା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ନାଗେଶ୍ୱର ଆଚାରୀ, ମାଲକାନଗିରି ଗାନ୍ଧୀପାଲି ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ବେହେରା ଯୋଗଦେଇ ପ୍ରତିଯୋଗୀଙ୍କ ଚିତ୍ରାଙ୍କନଗୁଡିକର ମୂଲ୍ୟାଙ୍କନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ମନିଷ ଅଗ୍ରୱାଲ, ସମ୍ମାନିତ ଅତିଥି ରୂପେ ଶିଶୁ ସୁରକ୍ଷା ସମିତିର ଅଧକ୍ଷ ଅଶୋକ ପଟ୍ଟନାୟକ, ସଦସ୍ୟ ଦୀନବନ୍ଧୁ ଦାସ, ଜିଲା ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ସେଠୀ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପରିବେଶ, ଜଙ୍ଗଲ, ବନ୍ୟଜନ୍ତୁ, ଆଦର୍ଶ ଗ୍ରାମ, ଆଦର୍ଶ ବିଦ୍ୟାଳୟ ଉପରେ ପ୍ରତିଯୋଗିତା ହୋଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ଅଧକ୍ଷତା କରିଥିଲେ। ଜିଲା ଶିଶୁ ସୁରକ୍ଷା ଆଇନ ଅଧିକାରୀ ସତ୍ୟଜିତ ପଣ୍ଡା, କୋର୍ଡିନେଟର ସୁଧାଂଶୁ ରାଉତ ପ୍ରତିଯୋଗିତା ପରିଚାଳନା କରିଥିଲେ। ସୁଶାନ୍ତ ଶାହା, ମୌସୁମୀ ମଣ୍ଡଳ, ଶିବପ୍ରସାଦ ନାୟକ, ରଣଦୀପ ମଣ୍ଡଳ ସହଯୋଗ କରିଥିଲେ। ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ସବୁ ବର୍ଗର ପ୍ରଥମ ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମନୋନୀତ କରାଯାଇଥିଲା।

## ସଂକ୍ଷେପରେ



### ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

**ବିଷମକଟକ, ୨୯।୯:** ଗଜଲକ୍ଷ୍ମୀ ପୂଜା ନିମନ୍ତେ ରବିବାର ବିଷମକଟକ ଦୋଳ ମଣ୍ଡପ ପରିସରରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଆସନ୍ତା ୧୩ ତାରିଖରେ ପାଳିତ ହେବାକୁ ଥିବା ଏହି ପୂଜା ୩ ଦିନ ଧରି ଚାଲିବ । ପୂଜକ ରାମଚନ୍ଦ୍ର ରଥ ଏବଂ କେଶବ ରଥଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା କରାଯାଇ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ଆରମ୍ଭ ହୋଇଛି । ଏ ଅବସରରେ ପୂଜା କମିଟିର ସମସ୍ତ ସଦସ୍ୟ ତଥା ଶଙ୍କର୍ଷଣ ରଥ, ଅରବିନ୍ଦ ମହାରଣା, ରାଜକିଶୋର ସାହୁ, ପ୍ରଦୀପ କୁମାର ସାହୁ, ଶରତ ଆଚାର୍ଯ୍ୟ, ଅଶୋକ ତ୍ରିପାଠୀ, ଡି.ଶିବ ପ୍ରସାଦ, ଆଲୋକ ଖୁଣ୍ଟିଆ ଏବଂ ଅରୁଣ କୁମାର ସାହୁକାରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ସୁନ୍ଦରତୋରଣ ଏବଂ ରଙ୍ଗିନ ଆଲୋକମାଳାରେ ପୂଜା ମଣ୍ଡପକୁ ସଜ୍ଜିତ କରାଯିବ । ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ।

### ଟିକିରିରେ ପିଆଜ କିଲୋ ୬୦



**ଟିକିରି, ୨୯।୯(ଡ଼ି.ଏନ.ଏ):** ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିରେ ପିଆଜ କିଲୋ ୬୦ । ଏବେ ହାଣ୍ଡିଶାଳରୁ ପିଆଜ ଉଭାନ ହୋଇଯାଇଛି । ଖୁଚୁରା ବଜାରରେ ପିଆଜ ଦର ନେଇ ଖାଉଟି ମୁଣ୍ଡରେ ଚଡ଼କ ସଦୃଶ୍ୟ ହୋଇଛି । ଏହି ଦର ବୃଦ୍ଧି ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଦର ଆହୁରି ବଢ଼ିବା ପୂର୍ବରୁ ପ୍ରଶାସନ ପିଆଜର ଦର ନିୟନ୍ତ୍ରଣ କରିବାକୁ ଦାବି ହୋଇଛି ।

### ଗାନ୍ଧୀ ବିନୋବା ରଥକୁ ଗୁଣପୁରରେ ସ୍ୱାଗତ

**ଗୁଣପୁର, ୨୯।୯(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ସେବାସମାଜଠାରେ ରବିବାର କସ୍ତୁରବା ଗାନ୍ଧୀ ବିନୋବା ରଥକୁ ସ୍ୱାଗତ କରାଯାଇଛି । ଏହି ଅବସରରେ ସେବା ସମାଜର ପ୍ରତିଷ୍ଠାତା ଶାନ୍ତି ଦେବୀ , ସମ୍ପାଦିକା ରାଜେଶ୍ୱରୀ ଦଳେଇ, ସାମାଜିକ କର୍ମୀ ଜୟରାମ ଜେନା, ବାଦଲ କୁମାର ତା, ଗୌରାଙ୍ଗ ଚରଣ ରାଉତ, ପ୍ରଦୀପ ଦାସ ପ୍ରମୁଖ ଉପସ୍ଥିତ ରହି ଗାନ୍ଧୀ ଏବଂ ବିନୋବାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଏଥିସହ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ ।

### ମୋବାଇଲ ଦୋକାନରୁ ଚୋରି

**ରାମନାଗୁଡା, ୨୯।୯ (ଡି.ଏନ୍.ଏ.):** ରାୟଗଡ଼ା ଜିଲା ରାମନାଗୁଡା ବ୍ଲକ ସଦର ମହକୁମା ମୁଖ୍ୟ ବଜାରଠାରେ ଥିବା ଏକ ମୋବାଇଲ ଦୋକାନରୁ ଶନିବାର ରାତିରେ ଚୋରି ହୋଇଛି। କେହି ଦୁର୍ବୃତ୍ତ ଦୋକାନ ଛାତକଣା କରି ଭିତରେ ପଶି ମୋବାଇଲଗୁଡିକ ଚୋରି କରି ନେଇଛନ୍ତି। ଚୋରି ଜିନିଷର ଦାମ ୫୦ ହଜାର ଟଙ୍କା ହେବ ବୋଲି ଦୋକାନ ମାଲିକ ବାଳକୃଷ୍ଣ ଲାବଲା କହିଛନ୍ତି। ରାମନାଗୁଡା ଫାଣ୍ଡିଠାରୁ ମାତ୍ର ୫୦ ମିଟର ଦୂରରେ ଥିବା ମୁଖ୍ୟ ରାସ୍ତାର କଡ଼ରୁ ଚୋରି ହେବା ନେଇ ଲୋକେ ଆତଙ୍କିତ ବୋଲି କହିଛନ୍ତି। ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ଶତପଥୀ ଏବଂ ଏଏସ୍ଆଇ ସୁରେଶ କୁମାର ସେଠୀ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

### ସିଆର୍‌ପିଏଫ୍‌ଙ୍କ ସ୍ୱଚ୍ଛ ଭାରତ ଅଭିଯାନ

**ରାୟଗଡ଼ା ଅଫିସ, ୨୯।୯:** ସ୍ୱଚ୍ଛତା ସପ୍ତାହ ପାଳନ କରିବାକୁ ଯାଇ ସିଆର୍‌ପିଏଫ୍‌ର ୪ର୍ଥ ବାଟାଲିୟନ ସାଇ ଇଣ୍ଟରନ୍ୟାସନାଲଛକ ନିକଟସ୍ଥ ଆର୍‌ଆଇ କ୍ୟାମ୍ପରେ ଶୁକ୍ରବାର ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଟାଲିୟନ ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି । ଏହାକୁ ଡ଼ିଆଇଜି ପି. କେ ପାଣ୍ଡେ ଉଦ୍‌ଘାଟନ କରିଥିଲେ । ଏଥିରେ ପଙ୍କଜ କୁମାର, ଆସିଷ୍ଟାଣ୍ଟ କମାଣ୍ଡର ଡ଼ି . ପୁରୁଷୋତମଙ୍କ ସମେତ ଶତାଧିକ ଯବାନ ଉପସ୍ଥିତ ଥିଲେ ।

■ ଜୁନାଗଡ଼- ଭୁବନେଶ୍ୱର ଏକ୍ସପ୍ରେସ ଗତିପଥ ପରିବର୍ତ୍ତନ ପ୍ରସ୍ତାବକୁ ବିରୋଧ

# ଅନଶନରେ ବସିଲେ ଯୁବ ବିକାଶ ପରିଷଦ ସଦସ୍ୟ

**ରାୟଗଡ଼ା ଅଫିସ ,୨୯।୯**

ଜୁନାଗଡ଼-ଭୁବନେଶ୍ୱର ଏକ୍ସପ୍ରେସର ଗତିପଥ ପରିବର୍ତ୍ତନ ପ୍ରସ୍ତାବକୁ ବିରୋଧ କରାଯାଇଛି । ଏହାର ପ୍ରତିବାଦରେ ରାୟଗଡ଼ା ଯୁବ ବିକାଶ ପରିଷଦ ତରଫରୁ ରାୟଗଡ଼ା ଷ୍ଟେଶନ ପରିସରରେ ରବିବାର ୧୨ ଘଣ୍ଟିଆ ଅନଶନ କରାଯାଇଛି । କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ନିଜ ରାଜନୈତିକ ଫାଇଦା ପାଇଁ ଏକ ଆଞ୍ଚଳିକ ବିଭାଜନ ଭଳି ହୀନ କାର୍ଯ୍ୟରେ ଲିପ୍ତ ରହୁଥିବା ଯୁବ ବିକାଶ ପକ୍ଷରୁ କୁହାଯାଇଛି । ଏହି ଅନଶନକୁ ରାୟଗଡ଼ାବାସୀ ସମର୍ଥନ କରିଛନ୍ତି । ଆସନ୍ତା ନଭେମ୍ବର ୨୦ ତାରିଖ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଜିଲାରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି ।



ଯୁବ ବିକାଶ ପରିଷଦର ସଦସ୍ୟମାନେ ଅନଶନରେ ବସିଛନ୍ତି।

ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେସିଙ୍ଗା ସିଟିଜେନ ଫୋରମଠାରୁ ଏକ ପତ୍ର ପାଇଥିଲେ । ଉକ୍ତ ପତ୍ରକୁ ଆଧାର କରି ଜୁନାଗଡ଼-ଭୁବନେଶ୍ୱର ଏକ୍ସପ୍ରେସର ପଥ ପରିବର୍ତ୍ତନ କରି ଭାୟା କେସିଙ୍ଗା ,ଟିଟଲାଗଡ଼ ଓ ସମ୍ବଲପୁର ଦେଇ ଭୁବନେଶ୍ୱର ଯିବା ନିମନ୍ତେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ରେଳ ମନ୍ତ୍ରୀ ପୀୟୁଷ ଗୋୟଲଙ୍କୁ ଏକ ପତ୍ର ଲେଖିଥିଲେ । ରାୟଗଡ଼ା ଜିଲାବାସୀଙ୍କୁ ଭୁବନେଶ୍ୱର ଗମନାଗମନ ସୁବିଧାରୁ ବଞ୍ଚିତ କରିବାକୁ ଏହା ଏକ ସଡ଼ଯନ୍ତ୍ର ବୋଲି ଯୁବ ବିକାଶ ତରଫରୁ କୁହାଯାଇଛି । ପୁଣି ଏହି ବିଷୟକୁ ଆଧାର କରି ରାଜ୍ୟ ସଭା ସଦସ୍ୟ ଏନ. ଭାସ୍କର ରାଓ ଓ ଯୁବ ବିକାଶ ପରିଷଦ ପୂର୍ବରୁ ରେଳ ମନ୍ତ୍ରୀଙ୍କୁ ଦୁଇଟି ପତ୍ର ପ୍ରଦାନ କରିଥିଲେ । ବିକାଶ ପରିଷଦ ତରଫରୁ ରାୟଗଡ଼ା ଷ୍ଟେଶନ ମାଷ୍ଟର ପି.ସି. ସେଠୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଅନଶନରେ ସଭାପତି ଶୀବାଜୀ ଦାସ, ଗୋପୀନାଥ ଗୌଡ଼, ଗୌର ଚନ୍ଦ୍ର ସାରକା, ଶିବ ପ୍ରସାଦ ପାଢ଼ୀ, ଦିବାକର ଗୌଡ଼, ରାଜକିଶୋର ବିରୋ, ବରିଷ୍ଠ ନାଗରିକ ବିନୋଦ ଚନ୍ଦ୍ର ପଣ୍ଡା, ବରିଷ୍ଠ ନାଗରିକ ମଞ୍ଚର ଆବାହକ ନୃସିଂହ ନାଥ ପାଢ଼ୀ , ବରିଷ୍ଠ ଆଇନଜୀବୀ କେଦାର ପଣ୍ଡା , ପ୍ରଭାକର ଦୋରା, ନାଗରିକ ମଞ୍ଚର ଅଜୟ ରଥ, ସାମ୍ବାଦିକ ସଂଘର ସଦସ୍ୟଙ୍କ ସମେତ ଜିଲାର ଶତାଧିକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।




ଷ୍ଟେଶନ ମ୍ୟାନେଜରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ମୁନିଗୁଡ଼ା ଷ୍ଟେଶନ ମ୍ୟାନେଜରଙ୍କୁ ଦାବିପତ୍ର

**ମୁନିଗୁଡ଼ା,୨୯।୯(ଡ଼ି.ଏନ.ଏ)**

ଜୁନାଗଡ଼ଠାରୁ ଭୁବନେଶ୍ୱର ଭାୟା ରାୟଗଡ଼ା ଦେଇ ଯାଉଥିବା ଲିଙ୍କ ଏକ୍ସପ୍ରେସ ଗତିପଥ ପରିବର୍ତ୍ତନ କରି ଭାୟା ଟିଟିଲାଗଡ଼ ଦେଇ ଭୁବନେଶ୍ୱର ଯିବା ପ୍ରସଙ୍ଗକୁ ବିରୋଧ କରାଯାଇଛି । ଏନେଇ ରବିବାର ରେଳମନ୍ତ୍ରୀ ପିୟୂଷ ଗୋୟଲଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମୁନିଗୁଡ଼ା ଷ୍ଟେଶନ ମ୍ୟାଜେନର ପୁରୁଷୋତ୍ତମ ପାଟଯୋଶୀଙ୍କୁ ପ୍ରଦାନ କରାଯାଇଛି । ମୁନିଗୁଡ଼ାର ଜନସାଧାରଣଙ୍କ ସମେତ ମୁନିଗୁଡ଼ା ବିଇଙ୍ଗ ହ୍ୟୁମ୍ୟାନ୍ ଗ୍ରୁପ,ଫ୍ରେଣ୍ଡସ କ୍ଲବ, ମୁନିଗୁଡ଼ା କ୍ରିକେଟ ଆସୋସିଏଶନ, ଅବସରକାଳୀନ ସରକାରୀ କର୍ମଚାରୀ ସଂଘ, ପ୍ରେସ କ୍ଲବ, ହେଲ୍ପିଂହ୍ୟାଣ୍ଡ ଗ୍ରୁପ ଆଦି ସଂଘର ସଦସ୍ୟମାନଙ୍କ ମିଳିତରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା । କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଇଥିବା ପ୍ରସ୍ତାବକୁ ଗ୍ରହଣ କରା ନ ଯାଉ, ଏହି ଟ୍ରେନ ବର୍ତ୍ତମାନ ଯେଉଁ ରୁଟ୍‌ରେ ଚାଲିଛି ତାହା ଦ୍ୱାରା ଅବିଭକ୍ତ କୋରାପୁଟ ଜିଲା ସହ ପଡ଼ୋଶୀ କନ୍ଧମାଳ ଜିଲାର ଜନସାଧାରଣ ମଧ୍ୟ ନିର୍ଭର କରୁଛନ୍ତି । ତେଣୁ ଏହି ଟ୍ରେନର ଦିଗ ପରିବର୍ତ୍ତନ ନ କରିବାକୁ ନିବେଦନ କରାଯାଇଛି ।

■ ପ୍ରାଣୀ ଚିକିତ୍ସାକେନ୍ଦ୍ରରେ ପୁନଃ ନିଯୁକ୍ତି

# ଜିଲାପାଳଙ୍କୁ ଭେଟିଲେ ଛଟେଇ କର୍ମଚାରୀ

**ପଦ୍ମପୁର,୨୯।୯(ଡି.ଏନ୍.ଏ.)**

ରାୟଗଡ଼ା ଜିଲାର ବିଭିନ୍ନ ପ୍ରାଣୀ ଚିକିତ୍ସାକେନ୍ଦ୍ରରେ ଛଟେଇ ହୋଇଥିବା କର୍ମଚାରୀମାନେ ପୁନଃ ନିଯୁକ୍ତି ନେଇ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ସେମାନେ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ଭେଟି ନିଜର ସମସ୍ୟା ଜଣାଇବା ସହ ପୁନଃ ନିଯୁକ୍ତି କରିବାକୁ ଅନୁରୋଧ କରିଛନ୍ତି ।

ରାୟଗଡା ଜିଲାରେ ପ୍ରାଣୀ ଚିକିତ୍ସା କେନ୍ଦ୍ରଗୁଡିକରେ ବହୁ ପଦବୀଗୁଡିକ ଖାଲି ପଡ଼ିଥିବା ୧୧ ଜଣଙ୍କୁ ଛଟେଇ କରାଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ପତ୍ର ସଂଖ୍ୟ ୩୮୭/୬।୩।୧୭ ପ୍ରକାରେ ଜିଲାର ୧୧ଟି ବ୍ଲକର ୧୧ ଜଣଙ୍କୁ ଛଟେଇ କରାଯାଇଛି । ସେମାନେ ହେଲେ ପଦ୍ମପୁରର ପଞ୍ଚାନନ ରଥ, ବିଷମକଟକର ଗଣେଶ ଶତପଥୀ, ମୁନିଗୁଡାର ଦୀପକ କୁମାର ଲମତା, ରାମନାଗୁଡାର ରଞ୍ଜନ କୁମାର ଜେନା, ଗୁଣପୁରର ଭାଗୀରଥି, କୋଲନରାର ପ୍ରମୋଦ କୁମାର ସାହୁ, କାଶୀପୁରର ରହିତ ପାଲକା, ଗୁଡାରୀରୁ ରଞ୍ଜନ କିଶୋର ନନ୍ଦ, କଲ୍ୟାଣସିଂହପୁରରୁ ରଞ୍ଜନ କୁମାର, ରାୟଗଡାରୁ ବିନୋଦ କୁମାର ଓ ଚନ୍ଦ୍ରପୁରରୁ ପ୍ରଫୁଲ୍ଲ କୁମାର ଭଲଭାଇ। ସେମାନେ ସରକାରଙ୍କ ନିର୍ଦ୍ଧାରିତ ୩ ହଜାର ଟଙ୍କା ପାରିଶ୍ରମିକରେ ଓ ସେଥିରୁ ୭% ଅର୍ଥାତ୍ ୨୧୦ ଟଙ୍କା ସର୍ଭିସ ଟ୍ୟାକ୍ସ ଆକାରରେ ୟୁନିଟେକ୍ କମ୍ପ୍ୟୁଟର ଟ୍ରେନିଂ ସେଣ୍ଟର ରାୟଗଡାକୁ ଦେଇ ୨୭୯୦ ଟଙ୍କାରେ ପରିବାରକୁ ଭରଣ ପୋଷଣ କରୁଥିଲେ । ମାତ୍ର ୧।୯।୨୦୧୭ରେ ସେମାନଙ୍କୁ ଛଟେଇ କରିଦିଆଗଲା। ଦୀର୍ଘ ୨ ବର୍ଷ ହେଲା ସେମାନେ ବହୁ ସମସ୍ୟାରେ କାଳାତିପାତ କରୁଛନ୍ତି । ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ଜିଲାରେ ହ୍ୟୁମ୍ୟାନ୍ ରିସୋର୍ସ ସର୍ଭିସ ପ୍ରୋଭାଇଡର ମାଧ୍ୟମରେ ୧୧ ଟି ୪ର୍ଥ ଶ୍ରେଣୀ କର୍ମଚାରୀ ପଦବୀ ନେଇ ନିଯୁକ୍ତି କରାଯିବା । ଏହାକୁ ନେଇ ଛଟେଇ ହୋଇଥିବା ୧୧ ଜଣ କର୍ମଚାରୀ ପୁନଃ ନିଯୁକ୍ତି ନେଇ ଆଶା ରଖିଛନ୍ତି । ଏନେଇ ସେମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏ ସମ୍ପର୍କରେ ରାୟଗଡା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଦେବେନ୍ଦ୍ର ନାଥ ବିଶ୍ୱାଳଙ୍କୁ ପଚାରିବାରୁ, ବର୍ତ୍ତମାନ ଜିଲାରେ ୫୯ରୁ ଅଧିକ ପଦବୀ ଖାଲି ପଡ଼ିଛି । ଜିଲାରେ ଗୋମିତ୍ରମାନଙ୍କୁ ଅଗ୍ରାଧିକାର ଦିଆଯିବାକୁ କୁହାଯାଇଛି । ହେଲେ ଜିଲାରେ ଗୋମିତ୍ର ତାଲିମ ପ୍ରାପ୍ତ କେହି ନ ଥିବା ଜଣାପଡଛି । ରାଜ୍ୟ ସରକାରଙ୍କ ସର୍ଭିସ୍ ରୁଲ୍ ଅନୁସାରେ ତାଲିମପ୍ରାପ୍ତ ଭାବେ ଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦେବା ପାଇଁ ଆମେ ନିଷ୍ପତ୍ତି ନେବୁ । ଅକ୍ଟୋବର ୨୫ ସୁଦ୍ଧା ଏକ ଜରୁରୀ ବୈଠକରେ ବିଜ୍ଞାପନ ମାଧ୍ୟମରେ ଏହା ଅବଗତ କରାଯିବ । ସେମାନଙ୍କ କାର୍ଯ୍ୟଦକ୍ଷତାକୁ ନେଇ ନିଷ୍ପତ୍ତି ନିଆଯିବ । ଏନେଇ ମୁଁ ଜିଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଛି ବୋଲି ସେ କହିଛନ୍ତି ।




## ଶ୍ରମ ଅଟକଳ ନେଇ ତାଲିମ ଶିବିର

**ମୁନିଗୁଡା,୨୯।୯(ଡ଼ି.ଏନ.ଏ)**

ରାୟଗଡା ଜିଲା ମୁନିଗୁଡା ବ୍ଲକ କାର୍ଯ୍ୟାଳୟ ସଭା ଗୃହ ପରିସରରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଆନୁକୂଲ୍ୟରେ ଆସନ୍ତା ୨୦୨୦-୨୧ ବର୍ଷ ନିମନ୍ତେ ଶ୍ରମ ଅଟକଳ ଲାଗି ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ମାନସୀ ପାତ୍ର ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବେହେରା ମୁଖ୍ୟ ଅତିଥି, ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ପ୍ରଧାନ, ଯନ୍ତ୍ରୀ ଜୟ ପ୍ରକାଶ ନାରାୟଣ ଭଞ୍ଜରାୟ, ନିରଞ୍ଜନ ବେହେରା, ବି. ବି. କିଷାନ, ଅଶୋକ କୁମାର ପାତ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଆଗାମୀ ବର୍ଷରେ କିପରି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମୁତାବକ ଅନୁମୋଦିତ ପ୍ରକଳ୍ପ ଗୁଡିକ ସମ୍ପାଦନା କରାଯିବ ସେନେଇ ବୁଝାଇଥିଲେ । ଏଥିସହ କାର୍ଯ୍ୟଗୁଡିକର କିପରି ଖସଡ଼ା ପ୍ରସ୍ତୁତ କରାଯିବ ଏବଂ ପଞ୍ଚାୟତର ସମସ୍ତ ସରକାରୀ କାର୍ଯ୍ୟଗୁଡିକୁ ସୁଚାରୁ ରୂପେ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ । ଉକ୍ତ ତାଲିମ ଶିବିରରେ ୧୭ ଟି ଗ୍ରାମ ପଞ୍ଚାୟତର ଗ୍ରାମ ରୋଜଗାର ସେବକ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ରହି ତାଲିମ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ଗ୍ରାମ ରୋଜଗାର ସେବକ ପ୍ରଶାନ୍ତ କୁମାର ସାହୁ, ମଳୟ ନାୟକ, କେ.ଚିରଞ୍ଜୀବ କୁମାର, କେ.ଖୁଣ୍ଟିଆ, ମଙ୍ଗୁଲୁ ପୀଡ଼ିକା, ଗୋପାଳ କରକରିଆ ପ୍ରମୁଖଙ୍କ ସମେତ ଅନ୍ୟମାନେ ପରିଚାଳନା ଓ ସହଯୋଗ କରିଛନ୍ତି ।

## ବଜ୍ରକାପ୍ତା ଉଦ୍ଧାର, ଜଣେ ଗିରଫ





ଉଦ୍ଧାର ବଜ୍ରକାପ୍ତା ଏବଂ ଗିରଫ ଅଭିଯୁକ୍ତ ।

**ମୁନଗୁଡ଼ା,୨୯।୯(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ମୁନିଗୁଡ଼ା ରେଞ୍ଜ ଅଧୀନ ପଙ୍ଗାଳଗୁଡ଼ି ସଂରକ୍ଷିତ ଜଙ୍ଗଲ ନିକଟରେ ଥିବା ମୁଦିଗୁଡ଼ା ଗ୍ରାମରୁ ରବିବାର ବନବିଭାଗ କର୍ମଚାରୀମାନେ ଏକ ବଜ୍ରକାପ୍ତାକୁ ଉଦ୍ଧାର କରିଛନ୍ତି । ଏହି ଘଟଣାରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସେ ହେଲେ ମୁଦିଗୁଡ଼ା ଗ୍ରାମର କାଶୁ ଦିବାକା । କାଶୁ ଗତ ଶୁକ୍ରବାର ଜଙ୍ଗଲରୁ ଏକ ବିରଳ ବଜ୍ରକାପ୍ତା ଆଣି ନିଜ ଘରେ ରଖିଥିଲେ । ଏନେଇ ଖବରପାଇ ଫରେଷ୍ଟର ଜୟଦେବ ନାୟକ, ଘାସି ମାଝି, କପିଳ ଦେବ ମନ୍‌ହିରା ତାଙ୍କ ଘରେ ଚଢାଉ କରି ଉକ୍ତ ବଜ୍ରକାପ୍ତାକୁ ଉଦ୍ଧାର କରି କାଶୁଙ୍କୁ ଗିରଫ କରିଥିଲେ । ବର୍ତ୍ତମାନ ଏହି ବଜ୍ରକାପ୍ତାକୁ ପ୍ରାଥମିକ ଡ଼ାକ୍ତରୀ ମାଇନା କରିବା ପରେ ଭୁବନେଶ୍ୱରସ୍ଥିତ ନନ୍ଦନକାନନକୁ ଛଡ଼ାଯିବ ବୋଲି ଅତିରିକ୍ତ ବନ ସଂରକ୍ଷକ ଅଲେଖଚନ୍ଦ୍ର ସାମଲ ପ୍ରକାଶ କରିଛନ୍ତି । ବିରଳ ପ୍ରଜାତି ପ୍ରାଣୀକୁ ଶିକାର ନ କରିବାକୁ ଅନୁରୋଧ କରିବା ସହ ବନ ସଂରକ୍ଷଣ ସମିତିକୁ ଏଥିପ୍ରତି ସଜାଗ ରହିବାକୁ କହିଛନ୍ତି । ତଦନ୍ତ କରାଯାଇ ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଅତିରିକ୍ତ ବନ ସଂରକ୍ଷକ ନିତ୍ୟାନନ୍ଦ ନାୟକ ପ୍ରକାଶ କରିଛନ୍ତି ।

# ଦୁର୍ଗାପୂଜା ନେଇ କଳସ ଶୋଭାଯାତ୍ରା

**ଆମ୍ବାଦୋଳା, ୨୯।୯ (ଡି.ଏନ୍.ଏ.)**

ସ୍ଥାନୀୟ ଦୁର୍ଗାପୂଜା କମିଟି ପକ୍ଷରୁ ରବିବାର ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । ଭୈରବ ନାଏକ ପୂଜାର୍ଚ୍ଚନା କରିବା ପରେ ମା'ଙ୍କୁ ସ୍ୱାଗତ କରାଯାଇଥିଲା । ଏହି କଳସ ଶୋଭାଯାତ୍ରାରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟଅତିଥି, ରାଜ୍ୟ ବିଜୁ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାସ, ଆଦିବାସୀ ଉନ୍ନୟନ ପରିଷଦ ଅଧକ୍ଷ ଜଗନ୍ନାଥ ନୁଣ୍ଡୁକା, ପୂର୍ବତନ ବିଧାୟକ ସାରଙ୍ଗଧର କାଡ୍ରାକା, ନାରୀନେତ୍ରୀ ଅନସୂୟା ମାଝି, ରାୟଗଡ଼ା ନଗର ସଭାପତି ସତ୍ୟ ପାଢ଼ୀ,



ବାହାରିଥିବା କଳସ ଶୋଭାଯାତ୍ରା ।

ସଇଁନ୍ତଳା ନୁଣ୍ଡୁକା, ଜ୍ୟୋତି ପ୍ରସାଦ ସାହୁ, ଗଗନ ଆଚାର୍ଯ୍ୟ ରାମନାଗୁଡାର ବେଦାନ୍ତ ସିଇଓ ରାକେଶ ମୋହନ, ବେଦାନ୍ତ ଏଚ୍‌ଆର ଶେଷଦେବ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ସ୍ଥାନୀୟ ଆଇଆଇସି ବନ୍ଦନା ନାଏକ, ଏଏସ୍‌ଆଇ ବ୍ରଜେନ୍ଦ୍ର ସାହୁଙ୍କ ସହ ଅନ୍ୟ କର୍ମଚାରୀମାନେ ଟ୍ରାଫିକ୍ ସମସ୍ୟା ଦୂର କରିବା ସହ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ଏହି କଳସ ଯାତ୍ରାରେ କଳାହାଣ୍ଡି ସୀତାପୁର ଗ୍ରାମର ମହିଳା କୀର୍ତ୍ତନମଣ୍ଡଳୀ, ପୁରୁଣା ଆମ୍ବାଦଳାର ଘୁମୁରା ନାଚ, ଘଣ୍ଟବାଦ୍ୟରେ ସ୍ଥାନୀୟ ଅଞ୍ଚଳ ଦୁଲିକିଥିଲା ।

## ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର

**ରାୟଗଡ଼ା ଅଫିସ,୨୯।୯**

ରାୟଗଡ଼ା ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଏକ ସ୍ୱତନ୍ତ୍ର ଶିବିର ମାଙ୍କଡ଼ଖୋଲା ଗ୍ରାମଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼. ରେବା ପାତ୍ର ସଭାପତିତ୍ୱ କରିଥିଲେ। ଶିବିରରେ ସ୍ୱାସ୍ଥ୍ୟ ,ଶିକ୍ଷା ସହ ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ କରିବା ନେଇ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା ଜିଲା ମୁଖ୍ୟ ଡ଼. ଅର୍ଚ୍ଚନା ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରି ଶିବିରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ବରିଷ୍ଠ ଅଧ୍ୟାପିକା ବିମଳା ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଶିବିରରେ ଅଧ୍ୟାପିକା ଡ଼ . ସରିତା ମିଶ୍ର , ଅଧ୍ୟାପିକା ମହାଶ୍ୱେତା ପଟ୍ଟନାୟକ, ସାମାଜିକ କର୍ମୀ ସି .ଏଚ କିର୍ତ୍ତି, ରଘୁନାଥ ଭୂୟାଁଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଓ ଗ୍ରାମବାସୀ ଯୋଗ ଦେଇଥିଲେ । ଶେଷରେ ପ୍ରତିଭା ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ଗଣିତ ବିଭାଗ ସମ୍ମାନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଗୁଣପୁର,୨୯।୯(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର କଲେଜ ଯୁକ୍ତ ତିନି ଗଣିତ ବିଭାଗ ସମ୍ମାନର ନବାଗତ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷ ଡ.ସୂର୍ଯ୍ୟ ନାରାୟଣ ପଣ୍ଡା ସଭାପତିତ୍ୱ କରିଥିଲେ । ବିଭାଗୀୟ ମୁଖ୍ୟ ଅମୀୟ ରଞ୍ଜନ ମହାନ୍ତି ମୁଖ୍ୟ ଅତିଥି, ଡ.ନୀଳମାଧବ ଦାସ, ଡ.ଜବାହର ଚୌଧୁରୀ, ଡ.ରମାକାନ୍ତ ସାହୁ, ଶଶୀଭୂଷଣ ମହାନ୍ତି ଏବଂ ଅଫିସ ସୁପରିଣ୍ଟେଣ୍ଡେଣ୍ଟ ଶିବ ପ୍ରସାଦ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶୃଙ୍ଖଳିତ ଶିକ୍ଷା ଗ୍ରହଣ କରି କଲେଜ ସହ ନିଜର ନାମ ଉଜ୍ଜ୍ୱଳ କରିବାକୁ ଅତିଥିମାନେ ଆହ୍ୱାନ କରିଥିଲେ । ଦ୍ୱିତୀୟ ବର୍ଷର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

■ ଜବରଦଖଲ ଉଚ୍ଛେଦକୁ ନେଇ ରାସ୍ତାରୋକୋ ଘଟଣା

# ଆଲୋଚନା ପରେ ହଟିଲା ରାସ୍ତାରୋକୋ

**ଗୁଣପୁର,୨୯।୯(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ବ୍ଲକ ପୁଟାସିଂ ଅଞ୍ଚଳରେ ଏକ ସରକାରୀ ଜମିକୁ ନେଇ ପ୍ରଶାସନ ଏବଂ ରିଜିଂତାଲ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହି ଘଟଣାକୁ ନେଇ ସେଠାରେ ତିନି ଦିନ ହେବ ଅପ୍ରୀତିକର ପରିସ୍ଥିତି ସହ ଚାପା ଉତ୍ତେଜନା ଲାଗି ରହିଥିଲା । ରିଜିଂତିଲ ଗ୍ରାମବାସୀ ରାସ୍ତାରୋକୋ କରିବା ସହ ସ୍କୁଲ ଏବଂ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ । ଶେଷରେ ରବିବାର ପୋଲିସ, ପ୍ରଶାସନ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଆଲୋଚନା ହେବା ପରେ ରାସ୍ତାରୋକୋ ହଟିଛି । ଗୁଣପୁର ଆଇଟିଡିଏ ପିଏ ଗୋରାଚାନ୍ଦ ଗମାଙ୍ଗ, ଏସଡିପିଓ ରାଜକିଶୋର ଦାସ ପ୍ରମୁଖ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ଯେଉଁ ସ୍ଥାନକୁ ନେଇ



ପୋଲିସ ଓ ପ୍ରଶାସନ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି ।

ଲୋକମାନେ ବିରୋଧ କରୁଛନ୍ତି ସେହିସ୍ଥାନରେ ଏକଲବ୍ୟ ବିଦ୍ୟାଳୟ ନ କରି ଅନ୍ୟତ୍ର ସ୍ଥାନ ଚିହ୍ନଟ କରାଯିବାକୁ ସ୍ଥିର ହୋଇଥିଲା । ସେମାନଙ୍କ ପଟ୍ଟାଜମିରେ ସରକାରୀ ସ୍କୁଲ ହୋଇଥିଲେ ମଧ୍ୟ ସେମାନେ ରହୁଥିବା ସ୍ଥାନର ପଟ୍ଟା ନାହିଁ । ତାହାର ତଦନ୍ତ କରାଯାଇ ପଟ୍ଟା ପ୍ରଦାନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ସ୍ଥିର ହୋଇଥିଲା । ଆସନ୍ତା ୯ ତାରିଖରେ ଉପଖଣ୍ଡସ୍ତରୀୟ ଅଭିଯୋଗ ଶୁଣାଣି ହେବ । ସେଠାରେ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରାଯିବ ବୋଲି ସ୍ଥିର ହୋଇଥିଲା । ପୋଲିସ ଏବଂ ପ୍ରଶାସନ ଏଭଳି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀମାନେ ଆନ୍ଦୋଳନକୁ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଏସଡିପିଓ ରାଜକିଶୋର ଦାସ ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ, ପୁଟାସିଂ ନିକଟରେ ପ୍ରସ୍ତାବିତ ଏକଲବ୍ୟ ବିଦ୍ୟାଳୟ ନିମନ୍ତେ ରାଜସ୍ୱ ବିଭାଗ ପକ୍ଷରୁ ଜମି ଚିହ୍ନଟ କରାଯାଇଥିଲା । ସେଠାରେ ରହିଥିବା ଜମି ଜବର ଦଖଲ ହୋଇଥିବାରୁ ପୋଲିସ ଏବଂ ପ୍ରଶାସନର ସହାୟତାରେ ଶୁକ୍ରବାର ଉଚ୍ଛେଦ କରାଯାଇଥିଲା । ଏହାର ପ୍ରତିବାଦ କରି ଗ୍ରାମବାସୀ ରିଜିଂତାଲ ଗ୍ରାମ ନିକଟରେ ରାସ୍ତାରୋକୋ କରିଥିଲେ । ଏହି ଆଲୋଚନା ସମୟରେ ପୁଟାସିଂ ଥାନା ଆଇଆଇସି ପଦ୍ମା ମୁର୍ଥୁ ଏବଂ ବ୍ଲକ ମଙ୍ଗଳ ଅଧିକାରୀ ଏ.ଶ୍ରୀନିବାସ ଆଚାରୀଙ୍କ ସମେତ ଆନ୍ଦୋଳନକାରୀଙ୍କ ତରଫରୁ ଦାମୋଦର ଶବର, ଭରତ ଶବର, ଅଭେଦ ଶବର, ସଞ୍ଜୟ ଶବର ପ୍ରମୁଖ ଉପସ୍ଥିତ ଥିଲେ ।